ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.232 Bhubaneswar Thursday November 03 2022 | ୨୫ତମ ବର୍ଷ ସଂଖ୍ୟା-୨୩୨ ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୦୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଦଙ୍ଗା ଉସକାଇବାକୁ ଫେକ୍ ଅଡିଓ: ପରସ୍ପର ବିରୋଧରେ ସିଇଓଙ୍କୁ ଫେରାଦ ହେଲେ ବିଜେପି ଓ ବିଜେଡି



ଭୁବନେଶ୍ୱର,୨।୧୧(ପି.ଏନ): ଆସନ୍ତାକାଲି ଧାମନଗର ଉପନିର୍ବାଚନ ପାଇଁ ଭୋଟଗ୍ରହଣ ହେବାକୁ ଥିବାବେଳେ ତା'ପୂର୍ବରୁ ଶାସକ ବିଜେଡି ଓ ବିରୋଧୀ ବିଜେପି ମୁହାଁମୁହିଁ ହୋଇଛନ୍ତି । ଧାମନଗର ଅଂଚଳରେ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟକୁ ନଷ୍ଟ କରିବାର ଷଡଯନ୍ତ୍ରରେ ଏକ ଫେକ୍ ଅଡିଓ କ୍ଲିପ୍ ଭାଇରାଲ ହେବା ଘଟଣାରେ ଉଭୟ ବିଜେପି ଓ ବିଜେଡି ପରସ୍ପରକୁ ଦୋଷାରୋପ କରିଛନ୍ତି । ଏହାସହିତ ଦୁଇ ଦଳ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ସାକ୍ଷାତ କରି ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।ବିଜେପିର ଏକ ପ୍ରତିନିଧି ଦଳ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଧାମନଗରରେ ସାମ୍ପ୍ରଦାୟିକ ଉତ୍ତ?ଜନା ସୃଷ୍ଟି କରି ଭୋଟ୍ ହାତେଇବା ପାଇଁ ବିଜେଡି ପ୍ରୟାସ କରୁଛି ବୋଲି ଅଭିଯୋଗ କରିବା ପରେ ବିଜେଡି ମଧ୍ୟ ଅନୁରୂପ ଅଭିଯୋଗ ବିଜେପି ବିରୁଦ୍ଧରେ ଆଣିଛି । ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଆଜି ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିଜେଡି ପକ୍ଷରୁ ଏକ ଫେକ୍ ଅଡିଓ କ୍ଲିପ୍ ଭାଇରାଲ କରାଯାଉଥିବା ନେଇ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ, ନିର୍ବାଚନ ଜିତିବା ଲାଗି ବିଜେଡି ଏବେ ସୋସିଆଲ ମିଡିଆ ମାଧ୍ୟମରେ ଭୋଟରଙ୍କୁ ଭ୍ରମିତ କରୁଛି । ପୂର୍ବରୁ ପ୍ରଶାସନ ଅଧିକାରୀ, ଏସ୍?ଏଚ୍ଜି, ଏମ୍?ବିକେ, ସିଆରପି ମାଧ୍ୟମରେ ଟଙ୍କା ବଂଟନ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନାଁରେ ମିଥ୍ୟା ଅଡିଓର ଚକ୍ରାନ୍ତ କରି ଭୋଟରଙ୍କୁ ବିଚଳିତ କରିବାର ସମସ୍ତ ଅପଚେଷ୍ଟା ବିଜେଡି କରିଥିଲା । ଏନେଇ ସମସ୍ତ ତଥ୍ୟ ଓ ପ୍ରମାଣ ସହ ସିଇଓଙ୍କ ପାଖରେ ବିଜେପି ଫେରାଦ ହୋଇଥିଲା । ସିଇଓ ମଧ୍ୟ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । କିନ୍ତୁ ଶାସକ ଦଳ ନସୁଧୁରି ପୁଣି ଏକ ମିଥ୍ୟା ଅଡିଓ ପ୍ରସ୍ତୁତ କରି ସାଧାରଣ ଭୋଟରଙ୍କୁ ଜୋର ଜବରଦସ୍ତ ପ୍ରଭାବିତ କରି ଭୋଟ ହାତେଇବାର ଅପଚେଷ୍ଟା କରିଛି । ବିଜେଡିର ଫେକ୍ ଅଡିଓରେ ଧାମନଗରରେ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟକୁ ନଷ୍ଟ କରିବା ଭଳି ପ୍ରୟାସ ହୋଇଛି । ଏହି ଅଡିଓ ପଛରେ ବିଜେଡି ନେତା, ବିଧାୟକ ଓ ମନ୍ତ୍ରୀମାନଙ୍କ ହାତ ରହିଛି ତଥା ସେମାନଙ୍କ ବିରୁଦ୍ଧରେ ଦୃ? କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ସେମାନଙ୍କୁ ଗିରଫ କରିବାକୁ ବିଜେପି ଅଭିଯୋଗ କରିଛି । ଧାମନଗରରେ ମୁକ୍ତ, ନିରପେକ୍ଷ ଉପନିର୍ବାଚନ କରିବାକୁ ସିଇଓଙ୍କୁ ଦାବି କରିଛି । ବିଜେପିର ଏହି ପ୍ରତିନିଧି ଦଳରେ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଓ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।ବିଜେପିର ଏହି ଅଭିଯୋଗକୁ ୪ଘଂଟା ନପୁରୁଣୁ ବିଜେଡିର ଏକ ପ୍ରତିନିଧି ଦଳ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ପାଲଟା ଅଭିଯୋଗ କରିଛି। ବିଜେଡି ସାଧାରଣ ସମ୍ପାଦିକା ଶ୍ରୀମୟୀ ମିଶ୍ର ଓ ମୁଖପାତ୍ର ଲେନିନ୍ ମହାନ୍ତି ପ୍ରମୁଖ ଆଜି ସିଇଓଙ୍କ ନିକଟରେ ବିଜେପିର ଆଇଟି ସେଲ୍ ବିରୁଦ୍ଧରେ ଲିଖିତ ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସିଇଓଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ନେତ୍ରୀ ଶ୍ରୀମତୀ ମିଶ୍ର କହିଛନ୍ତି ଯେ, ଧାମନଗର ଉପନିର୍ବାଚନରେ ବହୁ ଭୋଟ୍ ବ୍ୟବଧାନରେ ବିଜେପି ପରାଜୟ ହେବା ଜାଣିବା ପରଠୁ ବିଜେପିର ଆଇଟି ସେଲ୍ କ୍ରମାଗତ ଭାବେ ଫେକ୍ ଅଡିଓ ଓ ଭିଡିଓ ପ୍ରସ୍ତୁତ କରି ଭାଇରାଲ କରୁଛି । ଏବେ ପୁଣି ଏକ ଫେକ୍ ଅଡିଓ ଭାଇରାଲ କରି ଧାମନଗରରେ ସାମ୍ପ୍ରଦାୟିକ ଅଶାନ୍ତି ସୃଷ୍ଟି କରିବାକୁ ଅପଚେଷ୍ଟା କରୁଛି । ପୂର୍ବରୁ ବିଜେପି ଆଇଟି ସେଲ୍ ପକ୍ଷରୁ ଏକ ଅଡିଓ କ୍ଲିପ୍ ଭାଇରାଲ ହୋଇଥିଲା । ଯାହାକୁ ଆମେ ଅନୁସନ୍ଧାନ କରି ଜାଣିଲୁ ଯେ, ମଧ୍ୟପ୍ରଦେଶର ଏକ ମୋବାଇଲ୍ ନମ୍ବରରୁ ଏହି ଅଡିଓ କ୍ଲିପ୍ ଭାଇରାଲ ହୋଇଛି । ତେଣୁ ଏହି ଅଡିଓ କ୍ଲିପ୍ ଭାଇରାଲ ପଛରେ କିଏ ଥାଇପାରେ ତାହା କାହାକୁ ଅଛପା ନାହିଁ । ଧାମନଗର ଉପନିର୍ବାଚନରେ ପରାଜୟ ଜାଣିବା ପରେ ଓଡିଶା ବିଜେପି ଏବେ ନିମ୍ନସ୍ତରକୁ ଖସିଯାଉଛି ବୋଲି ଶ୍ରୀମତୀ ମିଶ୍ର କହିଛନ୍ତି । ବିଜେଡିର ଏହି ପ୍ରତିନିଧି ଦଳରେ ଲେନିନ୍ ମହାନ୍ତି, ଇପସିତା ସାହୁ, ମଧୁସ୍ମିତା ନାୟକ ପ୍ରମୁଖ ସାମିଲ ଥିଲେ । ସୂଚନାଯୋଗ୍ୟ, ଆସନ୍ତାକାଲି ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୨୫୨ଟି ବୁଥରେ କଡା ସୁରକ୍ଷା ମଧ୍ୟରେ ମୋଟ ୨.୩୮ ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ । ଧାମନଗର ନିର୍ବାଚନୀ ମଇଦାନରେ ୨ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ମୋଟ ୫ଜଣ ପ୍ରାର୍ଥୀ ଅଛନ୍ତି ।

# ୧୦ରେ ଓଡିଶା ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ଭୁବନେଶ୍ୱର,୨।୧୧(ପି.ଏନ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୦ ତାରିଖରେ ଦୁଇଦିନିଆ ଓଡିଶା ଗସ୍ତରେ ଆସିବେ । ରାଷ୍ଟ୍ରପତି ହେବା ପରେ ନିଜ ଗୃହ ରାଜ୍ୟକୁ ଶ୍ରୀମତୀ ମୁର୍ମୁଙ୍କ ଏହା ପ୍ରଥମ ଗସ୍ତ । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଆଜି ମୁଖ୍ୟ ସଚିବ ସୁରେଶ ମହାପାତ୍ରଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ।ମୁଖ୍ୟ ସଚିବଙ୍କ ଅଫିସରୁ ମିଳିଥିବା ସୂଚନା ଅନୁସାରେ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆସନ୍ତା ୧୦ତାରିଖ ପୂର୍ବାହ୍ନରେ ଭୁବନେଶ୍ୱରରେ ପହଂଚିବେ । ସେଠାରୁ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା କରିବେ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ସିଂହଦ୍ୱାର ନିକଟସ୍ଥ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ । ତା'ପରେ ପୁରୀ ରାଜଭବନ ଯାଇ ସେଠାରେ ବିଶ୍ରାମ କରିବେ । ପରେ ଅପରାହ୍ନରେ ଭୁବନେଶ୍ୱର ଆସି ବିଭିନ୍ନ ସ୍ଥାନରେ ଥିବା ରାଜ୍ୟର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ । ଏହାପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଜଭବନ ଯିବେ ଓ ସେଠାରେ ତାଙ୍କ ନିମନ୍ତେ ନାଗରିକ ସମ୍ବର୍ଦ୍ଧନାର କାର୍ଯ୍ୟକ୍ରମ ରହିଛି । ରାତିରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଜଭବନରେ ରହିବେ ।୧୧ ତାରିଖରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭୁବନେଶ୍ୱରରେ ଥିବା ଖଣ୍ଡଗିରି ସ୍ଥିତ ତପୋବନ ହାଇସ୍କୁଲର, ୟୁନିଟ-୨ ସରକାରୀ ଗାଲର୍ସ ହାଇସ୍କୁଲ ଓ କୁନ୍ତଳାକୁମାରୀ ସାବତ ଆଦିବାସୀ ଛାତ୍ରୀ ନିବାସ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଜୟଦେବ ଭବନରେ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ ଦ୍ୱାରା ପ୍ରସ୍ତୁତ ଓଡିଆ ଭାଷାରେ ଇଞ୍ଜିନିୟରିଂ ପୁସ୍ତକ ସମୂହ, ବିବଧ ଭାରତୀୟ ଭାଷାରେ ?ଜ୍ଞାନ ପୋର୍ଟାଲ 'ଇ-କୁମ୍ଭ'ର ଉନ୍ମୋଚନ କରିବେ । ଅପରାହ୍ନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ତାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯିବା ସହ କୋଭିଡ୍ ଗାଇଡଲାଇନକୁ ପାଳନ କରିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାଷ୍ଟ୍ରପତିଙ୍କୁ ଭେଟୁଥିବା ଓ ତାଙ୍କ ସହ ସିଧାସଳଖ ଯୋଗାଯୋଗ କରୁଥିବା ସମସ୍ତ ବ୍ୟକ୍ତିଙ୍କର ଆରଟିପିସିଆର କୋଭିଡ୍ ପରୀକ୍ଷା ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଆଜି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୁଲିସ ଡିଜି ସୁନୀଲ ବଂଶଲ, ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା, ବିଭିନ୍ନ ବିଭାଗର ସଚିବ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାପାଳ ପ୍ରମୁଖ ସାମିଲ ଥିଲେ ।ସୂଚନାଯୋଗ୍ୟ, ଦେଶର ପ୍ରଥମ ଆଦିବାସୀ ଓ ଓଡିଆ ମହିଳା ଭାବେ ଶ୍ରୀମତୀ ମୁର୍ମୁ ଜୁଲାଇ ୨୫ତାରିଖରେ ରାଷ୍ଟ୍ରପତି ପଦର ଶପଥନେଇଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମୀକ୍ଷା

ଭୁବନେଶ୍ୱର, ୨।୧୧(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସମୀକ୍ଷା କରି ଏହି କାର୍ଯ୍ୟକ୍ରମରେ ସନ୍ତୋଷ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୋ ସରକାର ପ୍ଲାଟଫର୍ମରେ ଏହି ଯୋଜନା ସଂପର୍କରେ ବହୁତ ଭଲ ଫିଡବ୍ୟାକ ମିଳିଛି। ସାମାଜିକ ସୁରକ୍ଷା କ୍ଷେତ୍ରରେ ଏହା ଏକ ଭଲ ଯୋଜନା ଏବଂ ରାଜ୍ୟର ଲୋକଙ୍କୁ ବିନା ପଇସାରେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସେ କହିଥିଲେ। ସମୀକ୍ଷାରୁ ଜଣାଯାଇଛି ଯେ ରାଜ୍ୟର ୯୬.୫ ଲକ୍ଷ ପରିବାରକୁ ଏହି ଯୋଜନାରେ ସ୍ମାର୍ଟ ହେଲ୍ଥ କାର୍ଡ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ରାଜ୍ୟର ୩.୩୦ କୋଟି ଲୋକ ଉପକୃତ ହେଉଛନ୍ତି। ହିତାଧିକାରୀ ମାନଙ୍କ ଚିକିତ୍ସା ପାଇଁ ଘରୋଇ ହସପିଟାଲ ମାନଙ୍କୁ ତାଲିକାଭୁକ୍ତ କରାଯାଇଛି। ଏଥିରେ ପ୍ରତି ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯାଉଛି ଏବଂ ମହିଳା ହିତାଧିକାରୀଙ୍କ କ୍ଷେତ୍ରରେ ଏହି ସୁବିଧା ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଳିପାରୁଛି । ବର୍ତ୍ତମାନ ସୁଦ୍ଧା ୫୦୦ଟି ଘରୋଇ ହସପିଟାଲକୁ ତାଲିକାଭୁକ୍ତ କରାଯାଇଛି ଏବଂ ସେଥିମଧ୍ୟରୁ ୯୮ଟି ହସପିଟାଲ ରାଜ୍ୟ ବାହାରେ ଅଛନ୍ତି। ରାଜ୍ୟ ବାହାରେ ଥିବା ହସପିଟାଲ ଗୁଡିକ ମଧ୍ୟରେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଟାଟା ମେମୋରିଆଲ ହସପିଟାଲ, ସିଏମସି ଭେଲୋର, ଶ୍ରୀ ଶଂକର କ୍ୟାନସର ହସପିଟାଲ ବାଙ୍ଗାଲୋର, ନାରାୟଣ ହୃଦୟାଳୟ ହସପିଟାଲ, ଫର୍ଟିସ ହସପିଟାଲ, ଆପୋଲ ହସପିଟାଲ ଇତ୍ୟାଦି ରହିଛନ୍ତି। ୧୭ଟି ରାଜ୍ୟରେ ଏହି ହସପିଟାଲ ଗୁଡିକ ବିଏସକେୱାଇ ଯୋଜନାରେ ସେବା ଯୋଗାଇ ଦେଉଛନ୍ତି।

## ୨୧୬୯ ପଦବୀ ପୂରଣ କରିବ ଓଏସଏସସି, ନଭେମ୍ବର ୧୧ରୁ ଅନଲାଇନ୍ ଆବେଦନ

ଭୁବନେଶ୍ୱର,୨।୧୧(ପି.ଏନ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ଦ୍ୱାରା ରାଜ୍ୟ ସରକାରଙ୍କ ଅଧୀନରେ ଖାଲିଥିବା ୨୧୬୯ଟି ପଦବୀ ପୂରଣ କରାଯିବ। ଏଥି ନେଇ ଆୟୋଗ ପକ୍ଷରୁ ମିଳିତ ସ୍ନାତକ ସ୍ତରୀୟ ନିଯୁକ୍ତି ପରୀକ୍ଷା ଏବଂ ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥି ନିମନ୍ତେ ଆୟୋଗ ପକ୍ଷରୁ ନଭେମ୍ବର ୧୧ ତାରିଖରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଅନ୍ଲାଇନ୍ ରେ ଦରଖାସ୍ତ ଗ୍ରହଣ କରାଯିବ । ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଅଣବୈଷୟିକ ନିଯୁକ୍ତି ପରୀକ୍ଷା ଜରିଆରେ ୬୯୯ଟି ଗ୍ରୁପ୍ 'ବି' ପଦବୀ, ୨୪୪ଟି ଗ୍ରୁପ୍ 'ସି' ପଦବୀ ପୂରଣ କରାଯିବ। ସେହିପରି ବୈଷୟିକ ସେବା ପରୀକ୍ଷା ମାଧ୍ୟମରେ ଗ୍ରୁପ୍ 'ବି'ର ୧୨୨୬ଟି ପଦବୀ ପୂରଣ କରାଯିବ । ପୂରଣ ହେବାକୁ ଥିବା ସମୁଦାୟ ୨୧୬୯ଟି ପଦବୀ ମଧ୍ୟରେ ୧୯୨୫ଟି ଗ୍ରୁପ୍ 'ବି' ପଦବୀ ରହିଛି । ଏହାର ସବିଶେଷ ତଥ୍ୟ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗର ୱେବ୍ସାଇଟ୍ ଡବ୍ଲୁଡବ୍ଲୁ.ଓଏସଏସସି.ଜିଓଭି।

# ଓଡ଼ିଶା ଉପକୂଳରୁ ବାଲିଷ୍ଟିକ କ୍ଷେପଣାସ୍ତ୍ର ଇଂଟରସେପ୍ଟର ପର୍ଯ୍ୟାୟ-୨ର ପ୍ରଥମ ସଫଳ ପରୀକ୍ଷଣ

ଭୁବନେଶ୍ୱର, ୨।୧୧(ପି.ଏନ): ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ପକ୍ଷରୁ ପ୍ରତିରକ୍ଷା ବାଲିଷ୍ଟିକ କ୍ଷେପଣାସ୍ତ୍ର (ବିଏମଡି) ଇଂଟରସେପ୍ଟର ପର୍ଯ୍ୟାୟ-୨ର ପ୍ରଥମ ସଫଳ ପରୀକ୍ଷଣ ହୋଇଛି । ୨ ନଭେମ୍ବର(ବୁଧବାର) ଉପକୂଳସ୍ଥିତ ଏପିଜେ ଅବଦୁଲ କାଲାମ ଦ୍ୱୀପରୁ ଅଧିକ ମାରକ ଉଚ୍ଚତା ପରିଧି ସହିତ ଏହି ଇଂଟରସେପ୍ଟର ଏଡି-୧ କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଥିଲା । ବିଭିନ୍ନ ଭୌଗଳିକ ସ୍ଥାନରେ ରହିଥିବା ସବୁ ବିଏମଡି ଅସ୍ତ୍ର ପ୍ରଣାଳୀ ଉପକରଣକୁ ସାମିଲ କରାଯାଇ ଏହି ଫ୍ଲାଇଟ୍ ଟେଷ୍ଟ ସମ୍ପାଦନ କରାଯାଇଥିଲା ।ଏଡି-୧ ହେଉଛି ଏକ ଦୀର୍ଘ ଦୂରଗାମୀ ଇଂଟରସେପ୍ଟର ବା ପ୍ରତିରୋଧୀ କ୍ଷେପଣାସ୍ତ୍ର । ଏହାକୁ ଉଭୟ ନିମ୍ନ ବାହ୍ୟବାୟୁମଣ୍ଡଳୀୟ (ଏକ୍ସୋ-ଏଟମୋସଫିୟରିକ) ଏବଂ ଆଭ୍ୟନ୍ତରୀଣ (ଏଣ୍ଡୋ-ଏଟମୋସଫିୟରିକ) ଇଣ୍ଟରସେପ୍ସନ ବା ପ୍ରତିରୋଧ ପାଇଁ ଡିଜାଇନ କରାଯାଇଛି। ଏହା ଦୀର୍ଘ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ସହିତ ବିମାନର ଇଂଟରସେପ୍ସନ ବା ବିଧ୍ୱଂସ କରିବାକୁ ସକ୍ଷମ।

# ଅର୍ଚ୍ଚନାଙ୍କ ଅଡୁଆ ବଢ଼ିଲା, ମାମଲା ରୁଜୁ କଲା ଇଡି

ଭୁବନେଶ୍ୱର,୨।୧୧(ପି.ଏନ) : ରାଜଧାନୀର ବ୍ଲାକମେଲର ଅର୍ଚ୍ଚନା ନାଗର ପେଡି ଖୋଲିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ତା' ବିରୋଧରେ ଆଜି ମାମଲା କରି ତଦନ୍ତ ଆରମ୍ଭ କଲା ଇଡି। ଅର୍ଚ୍ଚନା ନାଗଙ୍କ ସମେତ ୪ ଜଣଙ୍କ ନାଁରେ ମାମଲା ମାମଲା ରୁଜୁ ହୋଇଛି। ଅର୍ଚ୍ଚନା ନାଗ, ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ, ଖଗେଶ୍ୱର ସାହୁ ଓ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ନାଁରେ ମାମଲା ଇଡି ମାମଲା ରୁଜୁ କରିଛି। ଅର୍ଚ୍ଚନା ଲିଙ୍କରେ ସଂପୃକ୍ତ ଥିବା ଲୋକଙ୍କୁ ନୋଟିସ୍ କରିବ ଇଡି। ଏପରିକି ଅଭିଯୁକ୍ତଙ୍କ ବ୍ୟାଙ୍କ ଷ୍ଟେଟମେଣ୍ଟର ଖୋଳତାଡ଼ କରୁଛି ଇଡି ।ଜଣେ ଆସିଷ୍ଟାଣ୍ଟ ଡାଇରେକ୍ଟରଙ୍କ ନେତୃତ୍ୱରେ ୫ ଜଣିଆ ତଦନ୍ତକାରୀ ଟିମ୍ ଗଠନ ହୋଇଛି। ଅଭିଯୁକ୍ତମାନଙ୍କ ବ୍ୟାଙ୍କ ଷ୍ଟେଟମେଣ୍ଟର ଏବେ ଖୋଳତାଡ଼ କରୁଛି ଇଡି। ଏହା ପରେ ଏହି କେଳେଙ୍କାରୀରେ ସଂପୃକ୍ତ ଥିବା ଲୋକଙ୍କୁ ଇଡି ନୋଟିସ୍? କରିବ ଲେଡି। ବ୍ଲାକମେଲର ଅର୍ଚ୍ଚନା ନାଗ



ପାଖରେ ଆଲିସାନ୍ ବଙ୍ଗଳା, ଦାମୀ ଗାଡ଼ି ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ କେଉଁଠୁ ଆସିଲା ତା ଅପରାଧର ନେଟୱର୍କ କେତେ ବ୍ୟାପକ? ତା କଳାଧନ୍ଦା କିଭଳି ଚାଲୁଥିଲା ସେ ସମ୍ପର୍କରେ ଇଡି ରହସ୍ୟ ଉନ୍ମୋଚନ କରିବା ଆଶା କରାଯାଉଛି ।ଅର୍ଚ୍ଚନା ଗିରଫ ହେବା ପରଠୁ, ସେ ଇଡିର ସ୍କାନରକୁ ଆସିଥିଲା। ତେବେ ଆଜି ମାମଲା ରୁଜୁ କରି ତଦନ୍ତ କରିଥିବାରୁ ରାଜ୍ୟର ସବୁଠୁ ବଡ଼ ସେକ୍ସ ସ୍କାଣ୍ଡାଲ ତଥା ବ୍ଲାକମେଲ କରି ଅର୍ଥ ହଡ଼ପ ମାମଲାର ଗୁମୁର ଫିଟିବା ଅନୁମାନ କରାଯାଉଛି। ଏହି ମାମଲାରେ ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଗିରଫ ହୋଇ ଜେଲରେ ଥିବା ବେଳେ ଖଗେଶ୍ୱର ଓ ଶ୍ରଦ୍ଧାଞ୍ଜଳି ଗିରଫ ହୋଇ ନାହାନ୍ତି ।ବ୍ଲାକମେଲର ଅର୍ଚ୍ଚନା ନାଗ। ରାଜଧାନୀରେ ଖୋଲିଥିଲା ରଙ୍ଗଶାଳା! ଚାକିରି ଦେବା ବାହାନାରେ ଯୁବତୀଙ୍କୁ ନିଜ ରଙ୍ଗଶାଳାରେ ନିୟୋଜିତ କରୁଥିବା ଅଭିଯୋଗ ହୋଇଛି। ନେତା, ଫିଲ୍ମ ନିର୍ଦ୍ଦେଶ ଓ ବିଲ୍ଡରଙ୍କୁ ବ୍ଲାକମେଲ କରୁଥିଲେ। ଆଉ ସେଥିରୁ କୋଟି କୋଟି ଟଙ୍କା ରୋଜଗାର କରୁଥିଲା। ଏନେଇ ଅଭିଯୋଗ ହେବା ପରେ କମିଶନରେଟ୍ ପୁଲିସ ରାତି ଅଧିଆ ଅର୍ଚ୍ଚନା ନାଗକୁ ଗିରଫ କରିଥିଲା। କିନ୍ତୁ ତାଙ୍କ ସ୍ୱାମୀଙ୍କୁ ପଚରାଉଚରା କରି ଛାଡିଦେଇଥିଲା। ପରେ ସ୍ୱାମୀଙ୍କ ନାଁରେ ମାମଲା ହୋଇଥିଲା। ଏହା ପରେ ପୁଲିସ ତାକୁ ଗିରଫ କରିଥିଲା। ଜଗବନ୍ଧୁଙ୍କୁ ଗିରଫ କରିବା ବେଳେ ତାଠାରୁ ଗୋଟିଏ ଡାଏରୀ ଜବତ କରିଥିଲା ପୁଲିସ୍। ସେଥିରେ ବହୁ ବ୍ୟକ୍ତି ବିଶେଷଙ୍କ ନାଁ ଥିବା ଚର୍ଚ୍ଚା ହେଉଛି। ସେପଟେ ଅର୍ଚ୍ଚନାଙ୍କ ସହିତ ନେତାଙ୍କ ଫଟୋ ସୋସାଲ୍ ମିଡିଆରେ ଭାଇରାଲ୍? ହୋଇଥିଲା।

# ଏଣିକି ଡ୍ରାଇଭିଂ ଲାଇସେନ୍ସ ଆବେଦନକାରୀଙ୍କ ପାଇଁ ଜରୁରୀ ହେବ ପ୍ରଶିକ୍ଷଣ



ଭୁବନେଶ୍ୱର,୨।୧୧(ପି.ଏନ): ରାଜ୍ୟରେ ସଡକ ଦୁର୍ଘଟଣା ବୃଦ୍ଧି ପାଉଥିବାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ଡ୍ରାଇଭିଂ ଲାଇସେନ୍ସ ଆବେଦନକାରୀଙ୍କ ନିମନ୍ତେ ଏକ ସ୍ୱଳ୍ପ ଅବଧିର ସଡକ ନିରାପତ୍ତା ପ୍ରଶିକ୍ଷଣ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ରାଜ୍ୟ ସଡକ ପରିବହନ ପ୍ରାଧିକରଣ(ଏସଟିଏ)ଙ୍କ ଦ୍ୱାରା ୨୦୨୨ ଜାନୁୟାରୀ ୪ତାରିଖରେ ଆସିଥିବା ଏକ ପ୍ରସ୍ତାବକୁ ରାଜ୍ୟ ସରକାର ଗତକାଲି ଅନୁମୋଦନ କରିବା ସହ ଏନେଇ ଟେଣ୍ଡର ଆହ୍ୱାନ ନିମନ୍ତେ ଅନୁମତି ଦେଇଛନ୍ତି ।ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ସଡକ ଦୁର୍ଘଟଣା ମାମଲା ହ୍ରାସ କରିବା ନିମନ୍ତେ ରାଜ୍ୟ ସଡକ ପରିବହନ ପ୍ରାଧିକରଣଙ୍କ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହେଉନଥିବାରୁ ଡ୍ରାଇଭିଂ ଲାଇସେନ୍ସ ଆବେଦନକାରୀଙ୍କ ମଧ୍ୟରେ ସଡକ ନିରାପତ୍ତା ସଂକ୍ରାନ୍ତ ସଚେତନତା ସୃଷ୍ଟି କରି ଓ ସେମାନଙ୍କୁ ପ୍ରଶିକ୍ଷିତ କରାଇ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ଏଥିରେ ଡ୍ରାଇଭିଂ ଲାଇସେନ୍ସ ଆବେଦନକାରୀଙ୍କୁ ସଡକରେ ଗାଡି ଚଳାଚଳର ନିୟମ, ସଡକ ନିରାପତ୍ତା ଓ ଫାଷ୍ଟଏଡ୍ ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ସମସ୍ତ ଆରଟିଓ କାର୍ଯ୍ୟାଳୟରେ ପ୍ରଶିକ୍ଷଣ ବ୍ୟବସ୍ଥା କରିବା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା । ଯାହାକୁ ଦୀର୍ଘ ୧୦ମାସ ଧରି ପକାଇ ରଖିବା ପରେ ରାଜ୍ୟ ସରକାର ଗତକାଲି ଏଥିପାଇଁ ଅନୁମତି ଦେଇଛନ୍ତି ।ସୂଚନା ଅନୁସାରେ, ରାଜ୍ୟର ସମସ୍ତ ଆଂଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ), ଅତିରିକ୍ତ ଆରଟିଓ ଓ ସହାୟକ ଆରଟିଓ କାର୍ଯ୍ୟାଳୟରେ ଏହି ପ୍ରଶିକ୍ଷଣ ନିମନ୍ତେ ବ୍ୟବସ୍ଥା ରହିବ । ଏନେଇ ଖୁବଶୀଘ୍ର ଓଡିଶା ରାଜ୍ୟ ସଡକ ପରିବହନ ପ୍ରାଧିକରଣଙ୍କ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇ ଘରୋଇ ସଂସ୍ଥାକୁ ଏହି କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଜଣାପଡିଛି । ଏହି ସଂସ୍ଥାଗୁଡିକ ରାଜ୍ୟର ସମସ୍ତ ଆରଟିଓ କାର୍ଯ୍ୟାଳୟରେ ନିଜର ଅଫିସ୍ ଖୋଲି ସେଠାରେ ଡ୍ରାଇଭିଂ ଲାଇସେନ୍ସ ଆବେଦନକାରୀଙ୍କୁ ସଡକ ନିରାପତ୍ତା ଓ ନିୟମ ଆଦି ସମ୍ପର୍କରେ ସଚେତନ କରାଇବେ । ତା'ପରେ ସେମାନଙ୍କୁ ଡ୍ରାଇଭିଂ ଟେଷ୍ଟ ଦେବାକୁ ପଡିବ ତଥା ସେଥିରେ କୃତକାର୍ଯ୍ୟ ହେଲେ ସେମାନେ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ହକଦାର ହେବେ । ବିଶେଷକରି ଡ୍ରାଇଭିଂ ଲାଇସେନ୍ସ ଆବେଦନକାରୀଙ୍କୁ ସଡକରେ ଲାଗିଥିବା ସାଇନବୋର୍ଡ, ଟ୍ରାଫିକ ନିୟମ ଉଲ୍ଲଂଘନ କଲେ ଦଣ୍ଡ, ଅନ୍ୟ ସଡକ ନିରାପତ୍ତା ସଂକ୍ରାନ୍ତ ନିୟମାବଳୀ ସମ୍ପର୍କରେ ସଚେତନ କରାଯିବ ।ଏବେ ପ୍ରଚଳିତ ନିୟମ ଅନୁସାରେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆରଟିଓ କାର୍ଯ୍ୟାଳୟକୁ ଯାଇ ସେଠାରେ କମ୍ପ୍ୟୁଟରୀକୃତ ଟେଷ୍ଟ ଦେବାର ବାଧ୍ୟତାମୂଳକ ପ୍ରାବଧାନ ରହିଛି । ଏହି କମ୍ପ୍ୟୁଟରୀକୃତ ପରୀକ୍ଷାରେ କୃତକାର୍ଯ୍ୟ ହେଲେ ଲର୍ଣ୍ଣିଂ ଲାଇସେନ୍ସ ମିଳୁଛି । ଏହାର ୬ମାସ ମଧ୍ୟରେ ସମ୍ପୃକ୍ତ ଆବେଦନକାରୀ ଡ୍ରାଇଭିଂ ଟେଷ୍ଟ ଦେଇ ସେଥିରେ କୃତକାର୍ଯ୍ୟ ହେଲେ ଚୂଡାନ୍ତ ଡ୍ରାଇଭିଂ ଲାଇସେନ୍ସ ପାଇ ପାରୁଛନ୍ତି ।

# ଜଳ ହିଁ ଜୀବନକୁ କିଭଳି ପାଳନ କରୁଛି ରାଉରକେଲା ୱାଟକୋ, ମିଟର ନଳଗାଇ ଲାଗିଛି ବୋଲି ଲେଖାଇ ନେଉଛି ଠିକାଦାର

ରାଉରକେଲା,୨।୧୧(ପି.ଏନ): ରାଉରକେଲା ଓାଟକୋ (ପୂର୍ବୁରୁ ଥିଲା ପିଏଚଇଡି) ବର୍ତ୍ତମାନ ଉନ୍ନତିକରଣ ହେବା ପରେ ପାଇପ ଗୁଡିକର ସଠିକ ପରିଚାଳନା କରାଯାଉନଥିବାରୁ ପାଣି ୨୪ ଘଂଟା ଭାଶୁଥିବା ବେଳେ ଲୋକଙ୍କ ଘରେ ପାଣି ମିଟର ନଳଗାଇ ଲଗାଯାଇଛି ବୋଲି ଫର୍ମରେ ଦସ୍ତଖତ କରାଇନିଆଯାଉଛି । ଆମ ୧ନମ୍ବର ମୁଖ୍ୟମନ୍ତ୍ରୀ ସବୁବେଳେ କହିଥାନ୍ତି ଜଳ ହିଁ ଜୀବନ, ହେଲେ ତାଙ୍କ ରାଜ୍ୟରେ ଜଳକୁ ପରିଚାଳନା କରୁଥିବା ରାଉରକରଲାର ୱାଟକୋ ତାଙ୍କ କଥାକୁ କିଭଳି ସମ୍ମାନ ଦେଉଛି ତାହା ଆଖିରେ ଦେଖୁଛନ୍ତି ଲୋକେ । ସହରରେ ପ୍ରାୟ ସ୍ଥାନରେ ବିଭିନ୍ନ ସମୟରେ ଦେଖାଯାଉଥିବା ବେଳେ ପାଣି ଆସୁନଥିବା ଅଭିଯୋଗ ବଢିଚାଲିଛି । ଖାଲି ସେତିକି ନୁହେଁ ପାଣି ମିଟର ଲାଗନିଥିବା ସତ୍ୱେ ମିଟର ଲାଗିଛି ବୋଲି ଏକ ଫର୍ମ ଅଧାପୁରଣ କରି ସେଥିରେ ଘରମାଲିକ ମାନଙ୍କର ଦସ୍ତଖତ କରିନିଆଯାଉଛି ,ଏ ସବୁ କାମକୁ ନେଇ ଘର ଘର ବୁଲୁଥିବା ବୁଲଥିବା ଜଣ ମନୋରଂଜନ ମିଶ୍ର ନାମକ ଯୁବକ ଙ୍କୁ ଠିକାଦାର ଙ୍କ ନାମ ପଚରାଜିବାରୁ ସେ କହିଛନ୍ତି ତାଙ୍କ ନାମ ଓାଟକୋ ପତି, ତେବେ ଏଭଳି ନାମ କୁ କେହି ବୁଝିପାରୁନଥିବା ବେଳେ ସରକାରୀ ବ୍ୟବସ୍ଥାକୁ ନେଇ ଏଭଳି କାରବାର କରୁଛି କିଏ କଣ ଏହା ପଛର କାରଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଅନ୍ୟ ପକ୍ଷରେ ଏଭଳି କାରବାରରେ ଯଦି ସଂପୃକ୍ତ ଘରମାଲିକ ଦସ୍ତଖତ କଲେ ତେବେ ସଂପୃକ୍ତ ଘରେ ପାଣି ମିଟର ଲାଗି ଗଲା ବୋଲି ଧରାଯିବ । ତେଣିକି ଆଗକୁ ଏହା ଲାଗୁ ବା ନଲାଗୁ ଘରକୁ ମନଇଛା ବିଲ ଆସିବ ସେ ପଇସା ଘରମାଲିକ କୁ ଦେବାକୁ ପଡିବ ବୋଲି ଆଲୋଚନା ଚାଲିଛି । ଖାଲି ସେତିକି ନୁହେଁ ଏହା ଦ୍ୱାରା ଯଦି ଠିକାଦାର ମିଟର ନଳଗାଇ ଯଦି ବିଲ କରାଇ ନେଇଗଲା। ସେଥିଲାଗି ମଧ୍ୟ କାହାର କିଛି କରିବାର ନାହିଁ ବୋଲି ଆଲୋଚନା ଚାଲିଛି । ଏନେଇ ଆଜି ଓାଟକୋ ମହାପ୍ରବନ୍ଧକ ଙ୍କୁ ଯୋଗା ଯୋଗ କରିଥିଲେ ମଧ୍ୟ କୌଣସି ଉତର ମିଳି ନାହିଁ । ତେବେ ପ୍ରବନ୍ଧକ ଶ୍ରୀ ସୁବାସ ରାଉତଙ୍କୁ ଯୋଗା ଯୋଗ କରିବାରୁ ସେ କହିଛନ୍ତି ଏସବୁ ଠିକ ନୁହେଁ, ମିଟର ଲାଗିବା ପରେ ଏହା କରାଜିବା କଥା । ଯଦି କଥା ଏଇଆ ତେବେ ଆଗକୁ ୨୪/୭ ପାଣି ଆସିବା ପୂର୍ବରୁ ପାଣି ପାଇପ ଗୁଡିକରେ କିଛି ନୂଆ ସାମଗ୍ରୀ ଲାଗାଇବା ଦାୟୀତ୍ୱ ନେଇଥିବା ପୁରୀ ଅଂଚଳର ଠିକାଦାରଙ୍କ ବାବୁ ମାନେ କାହିଁକି ଏଭଳି କାରବାର ରେ ଲିପ୍ତ ରହୁଛନ୍ତି ତାହା ତଦନ୍ତ ସାପେକ୍ଷ । ତେବେ ପ୍ରବନ୍ଧକ ଙ୍କ କଥା ଅନୁଶାରେ କିଛି ମିଟର ରାଉରକେଲା ରେ ଜଗଦା ଓ ଗ୍ରାମାଂଚଳରେ ଲାଗିଛି ଖରାପ ଥିବା ମିଟର ଗୁଡିକୁ ବଦଳା ଚାଲିଛି । କିନ୍ତୁ ଏନେଇ ଜଗଦା ଅଂଚଳରେ ପଚରାଜିବାରୁ ପାଣି ମିଟର କଣ ସେମାନେ ଜାଣି ନାହାନ୍ତି ,ଏନେଇ ୟୁନିଟ ପିଛା ମୁଲ୍ୟ କଣ,ଏହା କେବେ ଠାରୁ ହେଲାଣି ବୋଲି ଓଲଟି ପ୍ରଶ୍ନ ହୋଇଛି । ତେବେ ୱାଟକୋର କଥା ଓ ଜନତାଙ୍କ କଥା ଖାପ ଖାଉନଥିବାରୁ ବାସ୍ତବରେ ବର୍ତ୍ତମାନ ୱାଟକୋ ଅଧିନରେ କେତେ ସେୟାଂଗକାରୀ ଅଛନ୍ତି, କେତେ ଘରେ ମିଟର ଲାଗିଛି କେବେ ଠାରୁ ଏହା କାମ କରିବ,ଏ ପ୍ରକ୍ରିୟା କେବେ ସରିବ,ଏହାର ମୁଲ୍ୟ କଣ ନେଇ ସାଧାରଣ ଲୋକଙ୍କୁ ଜଣାଇବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି ।

# ହାତୀକୁ ନେଇ ହଟହଟା ବନ ବିଭାଗ

ଭୁବନେଶ୍ୱର, ୨।୧୧(ପି.ଏନ): ରାଜଧାନୀ ଭୁବନେଶ୍ୱର ସହର ଭିତରକୁ ପଶି ଆସିଥିବା ହାତୀକୁ ଟ୍ରାଙ୍କୁଲାଇଜ୍ କରାଯାଇ ଚନ୍ଦକାରେ ଛଡାଯାଇଛି। ବୁଧବାର ଦିନ ଭୁବନେଶ୍ୱରରୁ ହାତୀକୁ କାବୁ କରିବା ପରେ ପ୍ରଥମେ ନୟାଗଡ଼ର ରଣପୁର ନିଆଯାଇଥିଲା। ସେଠାରେ ବିରୋଧ ହେବାରୁ ହାତୀକୁ ଧରି ବନ ବିଭାଗ ଖୋର୍ଦ୍ଧା ଓ ପରେ କେତକୀଝରକୁ ଫେରିଥିଲା। ଏହାପରେ ସନ୍ଧ୍ୟା ସମୟରେ ହାତୀକୁ ପୁଣି ଭୁବନେଶ୍ୱର ଉପକଣ୍ଠ ଚନ୍ଦକାକୁ ଅଣାଯାଇଛି ।ସୂଚନା ଅନୁଯାୟୀ ମଙ୍ଗଳବାର ବିଳମ୍ବିତ ରାତିରେ ପିପିଲି ଅଂଚଳରୁ ପ୍ରଥମେ ଠାବ ହୋଇଥିବା ଗୋଟିଏ ଦନ୍ତା ହାତୀ ରାତିରେ ରାଜଧାନୀକୁ ପଶି ଆସିଥିଲା। ରାତି ପ୍ରାୟ ଗୋଟାଏ ବେଳେ ହାତୀଟି ପିପିଲିରୁ ଧଉଳି, ଗ୍ୟାରେଜ୍ ଛକ ଦେଇ ଲିଙ୍ଗରାଜ ମନ୍ଦିର, ପୋଖରୀପୁଟ, ଯଦୁପୁର ବାଟ ଦେଇ ପରେ ପାତ୍ରପଡ଼ା ଆଇଗିଣିଆ ଅଂଚଳକୁ ଚାଲିଯାଇଥିଲା। ହାତୀକୁ କାବୁ କରିବାକୁ ବନ ବିଭାଗକୁ ନାକେଦମ ହେବାକୁ ପଡିଥିଲା। ଶେଷରେ ବୁଧବାର ଭୋର ପ୍ରାୟ ୫ଟା ସମୟରେ ବନ ବିଭାଗ ଟିମ୍ ହାତୀଟିକୁ ଆଇଗିଣିଆ ଶନିମନ୍ଦିର ନିକଟ ଜଙ୍ଗଲରୁ ଠାବ କରି ଟ୍ରାଙ୍କୁଲାଇଜ୍ କରାଯାଇଥିଲା।








## ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋମିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଡ଼ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୧, ନଭେମ୍ବର ୦୩**

# ସ୍ମୃତିରେ ଭଜନସମ୍ରାଟ ଭିକାରୀ ବଳ...



ଓଡ଼ିଶାର ଏମିତି ଘର ନଥିବ ଯେଉଁଠି ତାଙ୍କ ସ୍ୱର ଗୁଞ୍ଜରି ନଥିବ ବା ଏମିତି ମନ୍ଦିର ନଥିବ ଯେଉଁଠି ତାଙ୍କ ଗୀତ ଅନୁରଣିତ ହୋଇନଥିବ । ଏହାହିଁ ଥିଲା ତାଙ୍କର ବିଶେଷତ୍ୱ । ଯଥାର୍ଥରେ ସେ ଥିଲେ ଭଜନସମ୍ରାଟ । ଗଳାଝାଡି ପଦଟିଏ ଗାଇ ଦେଉଥିବା ବେଳେ ଶ୍ରୋତା ମନରେ ସୃଷ୍ଟି ହେଉଥିଲା ଅଫୁରନ୍ତ ଶିହରଣ । କେବଳ ସେତିକି ନୁହେଁ, ତାଙ୍କ ଭଜନ ଭିତରେ ଓଡିଆମାନେ ଖୋଜି ପାଉଥିଲେ ଆତ୍ମପରିଚୟ ଓ ତାଙ୍କ ଗୀତ ମଧ୍ୟରେ ଏକାକାର ହୋଇଯାଉଥିଲେ ଜଗତର ନାଥ ଜଗନ୍ନାଥଙ୍କ ସହ । ସେ ହେଉଛନ୍ତି ଶ୍ରୀଜଗନ୍ନାଥଙ୍କର ପରମସେବକ, ଭକ୍ତି ସଙ୍ଗୀତର ଭୀଷ୍ମ-ପିତାମହ, କୋଟି ଓଡ଼ିଆଙ୍କ ମଉଡମଣି ସର୍ବୋପରି ଭଜନସମ୍ରାଟ ଭିକାରୀ ବଳ ।

୧୯୨୯ ମସିହା ମେ' ୨୫ ତାରିଖରେ କେନ୍ଦ୍ରାପଡା ଜିଲ୍ଲାର ସୋବଲାଠାରେ ଜନ୍ମଗ୍ରହଣ କରିଥିଲେ ଭିକାରୀ ବଳ । ପିତା ରାମଚନ୍ଦ୍ର ବଳ ଓ ମାତାଙ୍କ ନାମ ଗେହ୍ଲାରାଣୀ । ପିଲାଟି ବେଳୁ ତାଙ୍କର ସଙ୍ଗୀତ ପ୍ରତି ଥିଲା ଅସୀମ ଶ୍ରଦ୍ଧା । ମାତ୍ର ପନ୍ଦର ବର୍ଷ ବୟସରୁ ଉଭୟ ପିତା ଓ ମାତାଙ୍କୁ ହରାଇଥିଲେ ମଧ୍ୟ ସେଥିରେ ଭାଙ୍ଗି ପଡି ନ ଥିଲେ ସେ । ପିତା-ମାତାଙ୍କ ବିଚ୍ଛେଦ, ଦାରିଦ୍ର୍ୟ ଓ ପ୍ରତିକୂଳ ପରିସ୍ଥିତି ତାଙ୍କୁ ସଙ୍ଗୀତ ସାଧନାରୁ ବିଚ୍ୟୁତ କରିପାରି ନ ଥିଲା । ସୌଭାଗ୍ୟକୁ ସେ ଏପରି ଏକ ଗାଁରେ ଜନ୍ମ ନେଇଥିଲେ, ଯାହାକି 'କଳାନଗରୀ' ରୂପେ ଖ୍ୟାତ ଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ସେତେବେଳର ନାମକରା ତାବଲା ବାଦକ ସୁନାକର ସାହୁ ଓ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ପ୍ରତ୍ୟକ୍ଷ ସାନିଧ୍ୟ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ଏହାପରେ ସେ ଓଡ଼ିଶାର ଜଣେ ଅପ୍ରତିଦ୍ୱନ୍ଦ୍ୱୀ କଣ୍ଠଶିଳ୍ପୀ ରୂପେ ଅଖଣ୍ଡ ଯଶର ଅଧିକାରୀ ହୋଇପାରିଥିଲେ । ଏହି ସମୟରେ କଲିକତାର ଏଚ୍.ଏମ୍.ଭି. କମ୍ପାନୀ ପ୍ରସ୍ତୁତ 'ଭକ୍ତି ପୁଷ୍ପାଞ୍ଜଳି' କ୍ୟାସେଟ୍ ତାଙ୍କୁ ରାତାରାତି ଅଜସ୍ର ପ୍ରଶଂସା ଆଣି ଦେଇଥିଲା । ଏହି କ୍ୟାସେଟ୍‌ରେ "କୋଠ ଭୋଗଖିଆ ମୋ ଚକାଆଖିଆ, ଉଠ ହେ ପହଡ ଭାଙ୍ଗି" ଗୀତଟି ତାଙ୍କୁ ବେଶ୍ ଲୋକପ୍ରିୟ କରାଇପାରିଥିଲା । ଏହାପରେ ସେ ଆଉ ପଛକୁ ଫେରି ଚାହିଁନାହାଁନ୍ତି । ଗୋଟିଏ ପରେ ଗୋଟିଏ ଭଜନ ଗାଇ ସେ ଶ୍ରୋତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । 'ହାତରେ ମୋ ମୁଠା ମୁଠା ଶରଧାବାଲି'ଠାରୁ ଆରମ୍ଭ କରି, ମୁଁ ତ ବଡଦେଉଳର ପାରା, ଭକତ ବିଦୁର ଶାଗଭଜା ଦେଇ, ଷାଠିଏ ପଉଟି ଭୋଗରୁ ତୁମର, ଜଗବନ୍ଧୁ ହେ ଗୋସାଇଁ ଇତ୍ୟାଦି ସଙ୍ଗୀତର ମୂର୍ଚ୍ଛନା ଶ୍ରୋତାମାନଙ୍କୁ ସମ୍ମୋହନ ମନ୍ତ୍ରରେ ବାନ୍ଧି ରଖିଥିଲା । କେବଳ ଭଜନ ନୁହେଁ, ଓଡିଶୀ, ଛାନ୍ଦ, ପଲ୍ଲୀଗୀତ ଓ ଚଳଚ୍ଚିତ୍ର ଗୀତ ଗାଇ ସେ ଛାଡ଼ିଯାଇଛନ୍ତି ଭାବସ୍ପର୍ଶୀ ସ୍ୱର ସ୍ୱାକ୍ଷର । ପ୍ରଥମ ଚଳଚ୍ଚିତ୍ର 'ଘର ସଂସାର'ରେ ପ୍ରଭୁ ପାଦ ତଳେ ପ୍ରଣତି ଢାଳେ... ଗୀତ ଗାଇ ସେ ଅଶେଷ ପ୍ରଶଂସା ପାଇଥିଲେ । ଏଥିସହିତ ଚଳଚ୍ଚିତ୍ର 'ଟିକେ ହସ ଟିକେ ଲୁହ', 'ମଥୁରା ବିଜୟ', 'ଭକ୍ତ ସାଲବେଗ', 'ରାମାୟଣ', 'ମନ ଆକାଶ' ଏବଂ 'ବସୁଧା' ପରି ୩୦ରୁ ଊର୍ଦ୍ଧ୍ୱ ଚଳଚିତ୍ରରେ କଣ୍ଠଦାନ କରି ସେ ଚଳଚ୍ଚିତ୍ର ଜଗତରେ ମଧ୍ୟ ନିଜର ସ୍ୱାତନ୍ତ୍ର୍ୟ ପ୍ରତିପାଦିତ କରିଛନ୍ତି ।



କେବଳ ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ନୁହେଁ, ଜଣେ ଛାତ୍ରବତ୍ସଳ ଓ ଲୋକପ୍ରିୟ ସଙ୍ଗୀତ ଗୁରୁ ରୂପେ ସୁପରିଚିତ ଥିଲେ ଭିକାରୀ ବଳ । ୧୯୫୭ ମସିହାରୁ ତାଙ୍କର ସଙ୍ଗୀତ ଶିକ୍ଷକ ଜୀବନର ଅୟମାରମ୍ଭ । ପ୍ରଥମେ ଜଟଣୀର ଫ୍ରେଣ୍ଡସ୍ ଆସୋସିଏସନ୍ ଓ ପରେ ପରେ କେନ୍ଦ୍ରାପଡାର ଗୋକୁଳଚନ୍ଦ୍ର ସଙ୍ଗୀତ ସଦନ, କଟକର କଳାବିକାଶ କେନ୍ଦ୍ର ଏବଂ ଭୁବନେଶ୍ୱରର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଓଡ଼ିଶୀ ସଙ୍ଗୀତ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟ କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ବାସ୍ତବରେ କହିବାକୁ ଗଲେ ୧୯୫୭ରୁ ସଙ୍ଗୀତ ଶିକ୍ଷକର ଜୀବନ ଆରମ୍ଭରୁ ୧୯୯୭ରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଅଧ୍ୟାପକ ଭାବେ ଅବସର ନେବା ପର୍ଯ୍ୟନ୍ତ ଦୀର୍ଘ ୪୦ ବର୍ଷର ଜୀବନ ଥିଲା ସଙ୍ଗୀତ ପ୍ରତି ଉତ୍ସର୍ଗୀକୃତ । ଏହି ସମୟ ମଧ୍ୟରେ ସେ ସଙ୍ଗୀତ ଗୁରୁ ରାମହରି ଦାସଙ୍କଠାରୁ ଆରମ୍ଭ କରି ବିଶିଷ୍ଟ କଣ୍ଠଶିଳ୍ପୀ ଅରବିନ୍ଦ ମୁଦୁଲି, ଲକ୍ଷ୍ମୀକାନ୍ତ ପାଳିତ ଓ ଶାନ୍ତିଲତା ବାରିକଙ୍କ ପର୍ଯ୍ୟନ୍ତ ଅନେକ ଯଶସ୍ୱୀ ଛାତ୍ର ସୃଷ୍ଟି କରିଯାଇଛନ୍ତି, ଯେଉଁମାନେ କି ସେମାନଙ୍କର ସଫଳତାର ଶ୍ରେୟ ନିଜର ପ୍ରିୟ ଗୁରୁଙ୍କୁ ଦେବାକୁ କୁଣ୍ଠାବୋଧ କରନ୍ତି ନାହିଁ ।

ଯଥାର୍ଥରେ ସେ ଥିଲେ ଜଗନ୍ନାଥଙ୍କ ପରମଭକ୍ତ ଓ ଭଜନ ସମ୍ରାଟ । ନିଜର ଯାଦୁକରୀ କଣ୍ଠରେ ଭକ୍ତି ସଙ୍ଗୀତ ପରିବେଷଣ କରି ସେ ବିମୋହିତ କରୁଥିଲେ ଶ୍ରୋତାମାନଙ୍କୁ । କେବଳ ଆମ ରାଜ୍ୟରେ ନୁହେଁ, ସମଗ୍ର ଭାରତବର୍ଷର ବିଭିନ୍ନ ସହରମାନଙ୍କରେ ଭଜନ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ଏପରିକି ଭାରତ ବାହାରେ ସୁଦୂର ଆମେରିକା, ଇଂଲଣ୍ଡ, ଜାପାନ, ଇଟାଲୀ ଓ ହଲାଣ୍ଡ ଆଦି ଦେଶରେ ନିଜର ସୁଲଳିତ କଣ୍ଠସ୍ୱର ଯାଦୁ ଦେଖାଇବା ସହ ଜଗନ୍ନାଥ ସଂସ୍କୃତିର ପ୍ରସାର ଓ ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବୋଧହୁଏ ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ପରେ ଜଗନ୍ନାଥଙ୍କ ନାମ ଓ ଜଗନ୍ନାଥ ସଂସ୍କୃତିକୁ ଘରେ ଘରେ ପହଞ୍ଚାଇବାରେ ଭିକାରୀ ବଳଙ୍କ ଅବଦାନକୁ ଭୁଲି ହେବନାହିଁ । ସେଇଥିପାଇଁ ତ' ଜୀବଦ୍ଦଶାରେ ବଡଦେଉଳରେ ଜଗନ୍ନାଥଙ୍କ 'ଚାମରସେବା' ଓ ମୃତ୍ୟୁପରେ ରୋଷଶାଳାରୁ 'ବୈଷ୍ଣବାଗ୍ନି' ପ୍ରାପ୍ତ ହେବାର ବିରଳ ସୌଭାଗ୍ୟ ଲାଭ କରିଥିଲେ ସେ । ବିଭୁପ୍ରେମରେ ବିମୋହିତ ଏହି କଣ୍ଠଶିଳ୍ପୀ ସାରାଜୀବନ ସଙ୍ଗୀତର ଅର୍ଘ୍ୟ ମଧ୍ୟରେ ତାଙ୍କ ଇଷ୍ଟଦେବ ଶ୍ରୀଜଗନ୍ନାଥଙ୍କ ଚରଣରେ ଭିକାରିର ଆସନରେ ନିଜକୁ ଅଧିଷ୍ଠିତ କରାଇଥିଲେ । ନିଜର ସୁଲଳିତ କଣ୍ଠସ୍ୱର ପାଇଁ ସମସ୍ତ ଓଡିଆଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ଭିକାରୀ ବଳ । ସେ ଥିଲେ ଓଡିଆ ଭଜନର ଦେଦୀପ୍ୟମାନ ପୁରୁଷ । ଏଥିପାଇଁ ଅନେକ ପୁରସ୍କାର ଓ ସମ୍ମାନପ୍ରାପ୍ତ ହୋଇଥିଲେ ସେ । ଏକ ମନୋରମ ଓ ଭବ୍ୟ ସମାରୋହରେ ପୁରୀର ଠାକୁରରାଜା ଗଜପତି ଦିବ୍ୟସିଂହ ଦେବ ରାଉରକେଲାଠାରେ ତାଙ୍କୁ "ଭଜନସମ୍ରାଟ" ଉପାଧିରେ ଭୂଷିତ କରିଥିଲେ । ଏଥିସହିତ ଓଡିଶା ସରକାରଙ୍କ ସର୍ବଶ୍ରେଷ୍ଠ କଣ୍ଠଶିଳ୍ପୀ ସମ୍ମାନ, ଲଳିତ ସ୍ୱର ସାଧକ, ଭକ୍ତି କଣ୍ଠ, ଭକ୍ତି ସମ୍ରାଟ, ନୀଳଚକ୍ର ସମ୍ମାନ, ରାଜୀବ ଗାନ୍ଧୀ ସଦ୍ଭାବନା ସମ୍ମାନ ଆଦି ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇ ଓଡିଶାରେ ଜନପ୍ରିୟ ହେବା ସହିତ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇପାରିଥିଲେ । କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍‌ର ସୋବଲାରୁ ଜଗନ୍ନାଥ ଧାମ ଶ୍ରୀକ୍ଷେତ୍ର: ଦୀର୍ଘ ଆଠ ଦଶନ୍ଧିରୁ ଊର୍ଦ୍ଧ୍ୱକାଳର ଜୀବନଯାତ୍ରା । ସେ ଯାତ୍ରାର ଆରମ୍ଭ ହୋଇଥିଲା ୨୫ ମଇ ୧୯୨୯ରୁ, ଆଉ ଯାତ୍ରାର ପରିସମାପ୍ତି ଘଟିଲା ୨ ନଭେମ୍ବର ୨୦୧୦ରେ । ସଙ୍ଗୀତର ମୂର୍ଚ୍ଛନା ଭିତରେ ହଜିଗଲା ଜୀବନଟିଏ । ଜୀବନ ସିନା ହଜିଗଲା, ସେ ଗାଇଥିବା ସଙ୍ଗୀତ ଭିତରେ ସେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ । ଏ ଜାତି ତାଙ୍କୁ ଝୁରୁଥିବ କାଳକାଳକୁ ।

jòcûÖgêùgLe @û·~Öý, ଜଗତସିଂହପୁର,
ମୋ–୯୩୩୭୨୨୧୯୨୪

# ଅନ୍ଧକାର ଉପରେ ଆଲୋକର ବିଜୟ ପର୍ବ ଦୀପାବଳି

**ଉମାଶଙ୍କର ପ୍ରସାଦ**



ବର୍ତ୍ତମାନ ସମାଜରୁ ପ୍ରଜ୍ଞାର ଆଲୋକ ଧିରେ ଧିରେ ନିର୍ବାପିତ ହେବାକୁ ବସିଲାଣି । ତେଣୁ ସମସ୍ତେ ବସ୍ତୁବାଦୀ ହୋଇ ବସ୍ତୁର ଆଲୋକରେ ସଜାଇବା ଆରମ୍ଭ କଲେଣି । ଉପରୋକ୍ତ ମହାବୀରଙ୍କ ବାଣୀ ଆଜି ସମାଜରେ ଘଟୁଅଛି । ଆମର ବିଶାଳ ଦେଶ ଭାରତ ଯାତ୍ରା, ଉତ୍ସବର ଦେଶରୂପେ ପୃଥିବୀରେ ପରିଚିତ । ଯଦିଓ ଭାରତରେ ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହୁଏ, ତଥାପି ଦୀପାବଳିର ମହତ୍ୱ ସର୍ବୋଚ୍ଚ ଓ ମହନୀୟ । ଜାତୀୟ ପର୍ବ ଦୀପାବଳିର ପାଳନ ମୂଳରେ ଅନେକ ପୌରାଣିକ କାହାଣୀ ଓ ପ୍ରସଙ୍ଗ ଥିଲେ ସୁଦ୍ଧା ରାମଚନ୍ଦ୍ରଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମ୍ବନ୍ଧୀୟ ସୁଖଦ ସ୍ମୃତି ଓ ରାମାଭିଷେକ ପର୍ବ ଜଡିତ । ବିଜୟା ଦଶମୀ ରାମଙ୍କର ଅସତ୍ୟ ଉପରେ ସତ୍ୟର ବିଜୟ ଉତ୍ସବଭାବେ ପାଳନ କରାଯାଇଥିବାବେଳେ ତାହାର ପୂର୍ଣ୍ଣତା ପ୍ରତିଭାତ ହୁଏ କାର୍ତ୍ତିକ ଅମାବାସ୍ୟାରେ ରାମଚନ୍ଦ୍ରଙ୍କ ଅଭିଷେକ ବସ୍ତେବେଳରେ ରାବଣରୂପୀ ଅନ୍ଧକାରକୁ ନାଶକରି ଅଯୋଧ୍ୟାକୁ ଫେରିଥିବା ଆଲୋକରୂପୀ ସତ୍ୟନିଷ୍ଠ ରାମଚନ୍ଦ୍ରଙ୍କୁ ରାଜପଦରେ ଅଭିଷିକ୍ତ କରି ଅଯୋଧ୍ୟାବାସୀ ଏହ ଉତ୍ସବକୁ ଆନନ୍ଦ ମୁଖର କରିବା ପାଇଁ ଦୀପାଲୋକରେ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ପାଳନ କରିଥିଲେ । ପୁରାଣ ବର୍ଣ୍ଣିତ ଭୀତତ୍ରସ୍ତ, ଶରଣାପନ୍ନ ଦେବଗଣଙ୍କ ନିମିତ ନିମିତ ଭଗବାନ ଶ୍ରୀକୃଷ୍ଣ ମହାପ୍ରତାପୀ ନରକାସୁରକୁ ବିନାଶ କରି ପୃଥିବୀଭାର ଉଶ୍ୱାସ କରିଥିଲେ । ନରକଦ୍ୱାର ବନ୍ଦିନୀ ଷୋଳ ସହସ୍ର ସୁନ୍ଦରୀ କନ୍ୟାକୁ ମୁକ୍ତି ଦେଇ ସେମାନଙ୍କୁ ସସମ୍ମାନେ ଦ୍ୱାରକାକୁ ପଠାଇଥିଲେ । ଫଳରେ ସମସ୍ତିଙ୍କ ହୃଦୟ ଆନନ୍ଦ ମୁଖରିତ ହେବା ସହ ଏହା 'ନରକୋତ୍ସବ' ନାମରେ ନାମିତ ହେଲା । ଲୋକେ ଖଡଗଦାରେ କାଉଁରିଆ କାଠିରେ ଅଗ୍ନି ସଂଯୋଗ କରିବା ସହ ଆଲୋକରେ ତାକୁ ଓ ତା'ର ପୁତ୍ର ଭଗଦତର ସିଂହାସନ ଆରୋହଣକୁ ଆନନ୍ଦରେ ଅଭିନନ୍ଦନ ଜଣାନ୍ତି । କରାଳବଦନା କାଳୀମାତାଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୁଏ । ଆସୁରିକ ଶକ୍ତିର ବିନାଶ ସହ ସମଗ୍ର ପୃଥିବୀରେ ଶାନ୍ତି ସ୍ଥାପନ ପାଇଁ ମହାକାଳୀଙ୍କର ଆବିର୍ଭାବ ଅତ୍ୟନ୍ତ ପ୍ରତୀକାତ୍ମକ, ଅଭିନନ୍ଦନୀୟ ଏବଂ ଆଜିର ବିଶ୍ୱ ପରିସ୍ଥିତି ପାଇଁ ପ୍ରାସଙ୍ଗିକ । ଉତ୍କଳରେ ଏହି ଦୀପାବଳି ଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ ଶ୍ରାଦ୍ଧ କରାଯାଏ । ପିତୃଲୋକର ସନ୍ତୋଷ ତଥା ନିଜର ଶାରୀରିକ ଓ ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ଦୀପଦାନ କରଣୀୟ । ପିତୃପୁରୁଷଙ୍କ ସ୍ମୃତିଚାରଣ ଓ ପୂଜାର୍ଚ୍ଚନା ନିମନ୍ତେ କାର୍ତ୍ତିକ ଅମାବାସ୍ୟା ତିଥି ଶ୍ରେଷ୍ଠ ବୋଲି ବହୁ ପ୍ରାଚୀନକାଳରୁ ବିଶ୍ୱାସ ରହିଅଛି । କାର୍ତ୍ତିକ ମାସ ସାରା ପ୍ରତି ଘରେ ଘରେ ଆକାଶଦୀପ ଜଳି ଉଠିବା ସହ ପିତୃପୁରୁଷଙ୍କ ସ୍ମୃତି ଓ ସମ୍ମାନକୁ ହୃଦୟରେ ଅନିର୍ବାପିତ ରଖି ସାଂସାରିକ ଅନ୍ଧକାରକୁ ସାମ୍ନା କରିବା ପାଇଁ । ଆମମାନଙ୍କର ପିଲାବେଳର କୌତୁହଳୀ ମନପାଇଁ ଆକାଶଦୀପ ଥିଲା ଏକ ରହସ୍ୟମୟ ମହାଜାଗତିକ ପ୍ରଦୀପନ । ମୋଗଲ ସମ୍ରାଟ ଆକବର ହିନ୍ଦୁ ସଂସ୍କୃତିର ଏହି ମହାନ ଦୀପାବଳି ପର୍ବକୁ ସମ୍ମାନ ଦେବା ସହ ତାଙ୍କର ଦୌଲତଖାନା ସମ୍ମୁଖରେ ଚାଳିଶ ଫୁଟ ଲମ୍ବ ବିଶିଷ୍ଟ ଗୋଟିଏ ବାଉଁଶ ପୋତାଯାଇ ସେଥିରେ ଷୋହଳଟି ଦଉଡିଯୁକ୍ତ ହୋଇ ବାଉଁଶର ଅଗ୍ରଭାଗରେ ଗୋଟିଏ ମାଟିପାତ୍ର ମଧ୍ୟରେ ପ୍ରଦୀପ ରାତିସାରା ଜଳୁଥାଏ । ଯାହା ଆକବରଙ୍କ ସର୍ବଧର୍ମ ପ୍ରୀତିର ସ୍ମାରକରୂପେ ବରୋଦା ମ୍ୟୁଜିୟମ୍‌ରେ ରଖାଯାଇଛି । କିନ୍ତୁ ଦୁଃଖର ସହ କହିବାକୁ ପଡୁଛି ଆଜିକାର ପୀଢି ଏ ଆକାଶଦୀପକୁ ଦେଖିବା ପ୍ରାୟ ସ୍ୱପ୍ନ ହୋଇଛି ।

ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଦୀପାବଳିର ମହତ୍ୱ ଓ ବୈଚିତ୍ର୍ୟ ପରିଦୃଷ୍ଟ ହୁଏ । ଭାରତବର୍ଷ ଭଳି ଧର୍ମ ନୀରପେକ୍ଷ ଦେଶରେ ଏହି ଦୀପାବଳି ପର୍ବକୁ ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଳନ କରିଥାନ୍ତି ଯାହାକୁ 'ଆଇନ-ଇ-ଆକବରୀ'ରେ ମୋଗଲ ଯୁଗର ଖ୍ୟାତନାମା ଆବୁଲ ଫଜଲ ଦୀପାବଳି ବା ଦିୱାଲି ପର୍ବର ଉଲ୍ଲେଖ କରିଛନ୍ତି । ମୁସଲମାନ ସଂଗ୍ରହାଳୟରେ ମଧ୍ୟ ପ୍ରଦୀପ ପ୍ରଜ୍ଜ୍ୱଳନ ଏକ ଅଭିନ୍ନ ଅଂଶ । ଏହିଦିନ ଉଜ୍ଜୟନୀର ରାଜା ବିକ୍ରମାଦିତ୍ୟ ସିଂହାସନରୋହଣ କରିଥିଲେ । ଗୁପ୍ତାବ୍ଦ ମଧ୍ୟ ଏହି ଦୀପାବଳିରୁ ପ୍ରବର୍ତ୍ତିତ । ପରିବ୍ରାଜକ ଆଲବେରୁଣୀ ଦୀପାବଳି ସମ୍ପର୍କରେ ସୁନ୍ଦର ବିବରଣୀ ଦେଇଛନ୍ତି । ହର୍ଷବର୍ଦ୍ଧନଙ୍କ ନାଗାନନ୍ଦ ନାଟକରୁ ଦୀପାବଳିକୁ 'ଦୀପ ପ୍ରତିପଦୁତ୍ସବ' ବୋଲି ଉଲ୍ଲେଖ କରାଯାଇଛି । ଜୈନ ବଣିକ ଗୋଷ୍ଠୀ ଧନଦାତ୍ରୀ ଲକ୍ଷ୍ମୀଙ୍କ ପୂଜା ଏହିଦିନ ଅନୁଷ୍ଠାନ କରନ୍ତି । ଏହି ଦୀପାବଳି ସହ ମହାବୀରଙ୍କ ମୋକ୍ଷଲାଭ ସ୍ମୃତି ବିଜଡିତ । ଏହିପରି ଐତିହାସିକ ଦୃଷ୍ଟିକୋଣକୁ ନେଇ ଦୀପାବଳି ଭାରତରେ ପାଳିତ ହୋଇଆସୁଛି ।

ପ୍ରକୃତ ଅର୍ଥରେ ଏହି ଆଲୋକପର୍ବ ଦୀପାବଳି ଅନ୍ଧକାର ଉପରେ ବିଜୟ ପର୍ବ । ଆବାଳବୃଦ୍ଧ ବନିତା ସମସ୍ତେ ମାଟି ଦୀପରେ ତେଲ ସଳିତା ଦେଇ ଧନୀ, ଦରିଦ୍ର ନିର୍ବିଶେଷରେ ଘରେ ଘରେ ଜଳାଇଥା'ନ୍ତି ସାନ ସାନ ମଙ୍ଗଳ ପ୍ରଦୀପ । ଆଲୋକ ଶିଖା କ୍ଷୁଦ୍ର ହେଉ ବା ବିଶାଳ ହେଉ ସେଥିରେ ଅହଙ୍କାର ନ ଥାଏ । ନିଜେ ଜଳି ସାରା ସମାଜକୁ ଆଲୋକିତ କରିବାରେ ସେ ପାଇଥାଏ ଅସୀମ ଆନନ୍ଦ ସବୁ କ୍ଷୁଦ୍ରାତିକ୍ଷୁଦ୍ର ଦୀପଶିଖାର ଆଲୋକ ଏକତ୍ରିତ ହୋଇ କାର୍ତ୍ତିକ ଅମାରାତ୍ରିର ଘନ ଅନ୍ଧକାରକୁ ଆଲୋକିତ କରିଥା'ନ୍ତି । ଯାହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ଜଗତର ମଙ୍ଗଳ କାମନା କରିବା । ନେପାଳ ରାଜ୍ୟରେ ଏହି ପର୍ବ ପାଂଚଦିନ ଧରି ପାଳନ କରାଯାଇଥାଏ । ଏକବିଂଶ ଶତାବ୍ଦୀରେ ଏହି ଦୀପଦାନ ଉତ୍ସବରେ ରାତ୍ରିର ଆଲୋକସଜ୍ଜା ବାଣ ରୋଷଣୀର ଆଡମ୍ବରପୂର୍ଣ୍ଣ ପର୍ବରେ ପରିଣତ ହୋଇଛି । ଅହଙ୍କାର ଓ ଦର୍ପର ଶବ୍ଦ ଏହି ପର୍ବକୁ ଦୀପଦାନ ପରିବର୍ତ୍ତେ ବାଣଫୁଟାଣ ପ୍ରତିଯୋଗିତାରେ ପରିଣତ କରିଛି । ଏହି କାନଫଟା ଶବ୍ଦ ହୃଦୟ କନ୍ଦରରେ ଆତଙ୍କିତ ସୃଷ୍ଟି



କରିବା ସହ ମନେହୁଏ ସତେ ଯେପରି ଅନ୍ଧାର ରାତିରେ ଆତଙ୍କବାଦର କମାଣ ଗର୍ଜନ । ଏହି ପର୍ବ ଏବେ ଅର୍ଥ ଧ୍ୱଂସର ପର୍ବ, ଯେଉଁ ଧନକୁ ଆମେ ଲକ୍ଷ୍ମୀ ମାନିଥାଉ, ତାଙ୍କୁ ବିନିର୍ବ୍ୟୟ କରି ପୋଡିବାରେ ଆମେ ଆନନ୍ଦ ପାଇଥାଉ ଏବଂ ଏ ପର୍ବକୁ ଆଲୋକର ପର୍ବରୁ ଦୂରେଇ ଦେଇ 'ଶବ୍ଦ ପ୍ରଦୂଷଣ' ଓ 'ବାୟୁ ପ୍ରଦୂଷଣ' ପର୍ବରେ ପରିଣତ କଲୁଣି । ଏ ଅଧମ ଲେଖକର ଲେଖା ଯେ ସମାଜକୁ ଏପରି ଅନୈତିକ ଭାବଧାରାକୁ ରୋକିପାରିବ ବା ବାଣକାରଖାନା ଯେ ବନ୍ଦ ହୋଇଯିବ, ଏହା ଭାବିବା ନିଜର ଧୃଷ୍ଟତା ମାତ୍ର, କିନ୍ତୁ ସମସ୍ତ ଜ୍ଞାନୀଗୁଣୀ ବିବେକୀ ଛାତ୍ରଛାତ୍ରୀ, ଗୁରୁଜନମାନଙ୍କୁ ଏତିକି ନିବେଦନ ଆମ ଭାରତୀୟ ମହାସଂସ୍କୃତିକୁ ସଠିକ୍ ଭାବେ ପାଳନ କଲେ ସମାଜ ତଥା ଦେଶର କଲ୍ୟାଣ ସାଧିତ ହେବ । ଅମାବାସ୍ୟାର ଅମାଅନ୍ଧକାର ଭିତରେ ଆମମାନଙ୍କର ବସ୍ତୁର ଆଲୋକ ସଜା କ୍ଷଣିକ ମାତ୍ର ଆନନ୍ଦ ଦେଇଥାଏ ମାତ୍ର ଆମ ପାଖରେ ଥିବା ପ୍ରଜ୍ଞାର ଆଲୋକ ନିର୍ବାପିତ ହୋଇଯାଇଥାଏ । ମନେପଡିଯାଏ ଜ୍ଞାନପୀଠ ବିଜୟିନୀ ବାଗ୍ମୀ ଲେଖିକା ପ୍ରତିଭା ରାୟଙ୍କର ଗୋଟିଏ ଆଲେଖ୍ୟ, ଯେଉଁଥିରେ ସେ ନିଜକୁ ଅସହାୟ ମନେକରି ଲେଖିଥିଲେ । ଆମର ଦେଶକୁ ଆତଙ୍କବାଦୀଙ୍କ ଲୋଲୁପଦୃଷ୍ଟିରୁ ତଥା ଆମର ସୁରକ୍ଷାପାଇଁ ସୀମାନ୍ତରେ ବିନିଦ୍ରରଜନୀ ବିତାଉଥିବା ଆମ ଯବାନଙ୍କ ଯୋଗୁଁ ଆମେ ଶାନ୍ତି ନିଦରେ ଶୋଇପାରୁଛୁ, ସେମାନଙ୍କ ପ୍ରତି, ଦେଶପ୍ରତି ଓ ବୀର ସହୀଦଙ୍କ ପ୍ରତି ଆମର ସମ୍ମାନ ପ୍ରଦର୍ଶନ କରିବାର ଅବକାଶ ହେଉଛି ଆଜିର ଆଲୋକ ପର୍ବ । ଏହି ପର୍ବର ଦୀପଶିଖା ନିଜେ ଜଳି ସୁଦ୍ଧା ଅନ୍ୟକୁ ଆଲୋକିତ କରିଥାଏ, ଯାହାକୁ ଆମର ବୀର ଯବାନମାନେ ପ୍ରକୃତ ଅର୍ଥରେ ପାଳନ କରିଥାନ୍ତି । ଆମ ସମସ୍ତଙ୍କ ଭିତରେ ଦେଶପ୍ରେମ ଊଣା ଅଧିକେ ଅଛି । ଆମେ ସମସ୍ତେ ଇଶ୍ୱର ବିଶ୍ୱାସୀ । ଗାନ୍ଧିଜୀଙ୍କ ଭାଷାରେ ଦେଶକୁ ଇଶ୍ୱରଙ୍କ ସ୍ଥାନରେ ରଖି ଦେଖିଲେ ସମସ୍ତେ ଜଣେ ଜଣେ ଦେଶଭକ୍ତ ପାଲଟି ଯିବେ ।

ଆମର ଜାତୀୟ ପର୍ବ ଦୀପାବଳି ଭାରତୀୟ ସାଂସ୍କୃତିକ ଜୀବନର ବାର୍ତ୍ତାବହ । ଓଡିଶା ଭଳି ଏକ କୃଷିପ୍ରଧାନ, ଧର୍ମପ୍ରଧାନ ଓ ପର୍ବପର୍ବାଣୀ ପ୍ରଧାନ ରାଜ୍ୟରେ ଏହାର ଗୁରୁତ୍ୱ ଅବିସ୍ମରଣୀୟ । ଏ ଅଧମ ଲେଖକ ପୁନଶ୍ଚ ଏହି ଲେଖା ମାଧ୍ୟମରେ ମୋର ସମସ୍ତ ରାଜ୍ୟବାସୀଙ୍କୁ ଅନ୍ତରର ନିଭୃତକୋଣରୁ ବିନମ୍ର ନିବେଦନ କରୁଛି । ଏ ବର୍ଷରେ ଆଲୋକର ପର୍ବକୁ ବାସ୍ତବ ଅର୍ଥରେ ଅନ୍ଧକାର ନାଶ ପର୍ବରେ ପାଳନ କରିବା ପାଇଁ ସଙ୍ଘବଦ୍ଧ ହୁଅନ୍ତୁ ଓ ଏକତାର ହାତ ମିଳାନ୍ତୁ । ବହୁ ଅର୍ଥ ବ୍ୟୟ କରି ଆତସବାଜି ଫୁଟାଇ ପରିବେଶକୁ ଦୂଷିତ କରିବା ପରିବର୍ତ୍ତେ ଉକ୍ତ ଧନରାଶିକୁ ଦେଶର ସୁରକ୍ଷା ପାଣ୍ଠିକୁ ଅଯାଚିତଭାବେ ଦାନକଲେ ଏହାହିଁ ହେବ ପିତୃପୁରୁଷଙ୍କ ପ୍ରତି ନମ୍ର ଶ୍ରଦ୍ଧାଞ୍ଜଳି ଓ ମା' ମହାଶକ୍ତି କାଳୀଙ୍କ ପ୍ରତି ଅନନ୍ୟ ପ୍ରଣିପାତ । ସମସ୍ତେ ନିଜକୁ ସଚେତନ କରି ପ୍ରତ୍ୟେକ ବୟସ୍କ ବ୍ୟକ୍ତି ନିଜ ନିଜର ପିଲାମାନଙ୍କୁ ଏହି ପର୍ବର ମହନୀୟତା ବୁଝାଇବା ଦରକାର, ଫଳରେ ସମାଜ, ରାଜ୍ୟ ତଥା ଦେଶ ହସି ଉଠିବ ।

*-ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨*

# ପର୍ବତ ଗିରିରାଜ ଗୋବର୍ଦ୍ଧନଙ୍କ ପୂଜା

ଉତ୍ତର ଭାରତର ମଥୁରାଠାରୁ ପ୍ରାୟ ୨୫-୩୦ କିଲୋମିଟର ଦୂରରେ ଗୋବର୍ଦ୍ଧନ ପର୍ବତ ଅବସ୍ଥିତ । ଏହାର ମାନ୍ୟତା କୌଣସି ତୀର୍ଥସ୍ଥାନମାନଙ୍କଠାରୁ କମ୍ ନୁହେଁ ଓ ଏହି ପର୍ବତ ସର୍ବଜନହିତକାରୀ । ପୂର୍ବେ ପର୍ବତମାନେ ଚଳଚଞ୍ଚଳ ଥିଲେ । ଏ ସମ୍ପର୍କରେ ବହୁ ପୌରାଣିକ ଆଖ୍ୟା ରହିଛି । ପୌରାଣିକ କଥାନୁପ୍ରକାରେ ଦିନେ ପୁଲସ୍ତ୍ୟ ଋଷି ଶ୍ରୀବିଶ୍ୱନାଥଙ୍କ ଦର୍ଶନରେ ଯିବାକୁ ମନସ୍ଥ କରି ସଙ୍ଗରେ ଗୋବର୍ଦ୍ଧନ ପର୍ବତଙ୍କୁ ନେବାପାଇଁ ତାଙ୍କ ପିତା ସାଲମଳା ଦ୍ୱୀପରେ ଥିବା ଅରୁଣାଚଳ ପର୍ବତଙ୍କୁ କହି ଗୋବର୍ଦ୍ଧନ ପର୍ବତଙ୍କୁ ସାଥୀରେ ନେଇ କାଶୀ ବିଶ୍ୱନାଥଙ୍କ ଦର୍ଶନ ଉଦ୍ଦେଶ୍ୟରେ ଗମନ



କଲେ । ଗମନ କରିବା ମାର୍ଗରେ ଗୋବର୍ଦ୍ଧନ ପର୍ବତଙ୍କୁ କିଛି ସମୟ ପାଇଁ ବ୍ରଜଭୂମି ଉପରେ ରଖି ପୁଲସ୍ତ୍ୟ ନିଜର ପଥଶ୍ରମ ପାଇଁ ଏକ ବୃକ୍ଷମୂଳରେ କିଛି ସମୟ ବସି କ୍ଳାନ୍ତ ମେଣ୍ଟାଇ ଆସି ଗୋବର୍ଦ୍ଧନ ପର୍ବତଙ୍କୁ ଉଠାଇବାକୁ ବସିଲାବେଳେ ଗୋବର୍ଦ୍ଧନ ପର୍ବତ ସେଠାରୁ ଆଉ ଉଠିଲେ ନାହିଁ । ଋଷି ଉଠାଇବାକୁ ବହୁ ଉଦ୍ୟମ କଲେ । ଏଥିରେ ଋଷି ଗୋବର୍ଦ୍ଧନ ପର୍ବତଙ୍କୁ ଅଭିଶାପ ଦେଇ କହିଲେ ଯେ, ଗୋବର୍ଦ୍ଧନ! ତୁମେ ଏଠାରେ ରହିଥାଅ । ଦ୍ୱାପରରେ କୃଷ୍ଣ ଭଗବାନଙ୍କ ଦ୍ୱାରା ତୁମେ ଉଠିବ । ଦ୍ୱାପର ଯୁଗ, ଭଗବାନ ଶ୍ରୀକୃଷ୍ଣ ଧରାବତରଣରେ ଅବତାର ଗ୍ରହଣ କରି ଗୋପପୁରରେ ଲୀଳାଖେଳା କରୁଥାଆନ୍ତି । ଏକଦା ଚିର ପ୍ରଥାନୁସାରେ ବୃନ୍ଦାବନରେ ସୁବୃଷ୍ଟି ନିମିତ୍ତ ବ୍ରଜରାଜା ନନ୍ଦ ଇନ୍ଦ୍ରପୂଜା ଯଜ୍ଞ କରନ୍ତି ଏବଂ ତାଙ୍କ ସହ ବ୍ରଜବାସୀ ଗୋପାଳମାନେ ସାମିଲ ହୁଅନ୍ତି । ଏହା କରିବାକୁ ପ୍ରସ୍ତୁତି ଚାଲିଥାଏ । ଭଗବାନ ଶ୍ରୀକୃଷ୍ଣଙ୍କୁ ସେତେବେଳକୁ ମାତ୍ର ସାତବର୍ଷ ବୟସ ହୋଇଥାଏ । ଏସବୁ ପ୍ରସ୍ତୁତି ଦେଖି କୃଷ୍ଣ, ବାପା ନନ୍ଦଙ୍କ ପାଖକୁ ଆସି ପଚାରିଲେ, ''ବାପା! ଏସବୁ ପ୍ରସ୍ତୁତି କ'ଣ ପାଇଁ?''

ମହାରାଜା ନନ୍ଦ କୃଷ୍ଣଙ୍କ କହିଲେ-''କାହ୍ନା! ସ୍ୱର୍ଗରାଜ ଇନ୍ଦ୍ରଦେବଙ୍କ ପୂଜା ପାଇଁ ଏହି ପ୍ରସ୍ତୁତି ଚାଲିଛି । କାରଣ ଇନ୍ଦ୍ରଙ୍କୁ ପୂଜା କଲେ ଇନ୍ଦ୍ର ସନ୍ତୁଷ୍ଟ ହୋଇ ରାଜ୍ୟରେ ସୁବୃଷ୍ଟି କରାଇବେ । ଭଲ ଫସଲ ହେବ, ତୃଣଲତା, ଦୁବଘାସ ବର୍ଦ୍ଧିତ ହେବ । ଗୋ-ଜାତି ପଲ୍ଲବିତ ତୃଣ ଭକ୍ଷଣ କରି ଅଧିକ ଦୁଗ୍ଧ ଦେବେ ।'' ଭଗବାନ ଶ୍ରୀକୃଷ୍ଣ କହିଲେ, ''ବାପା ! ଇନ୍ଦ୍ରଙ୍କୁ ତ' କେହି କେବେ ଦେଖିନାହେଁ, ଆମେ ହେଲେ ବ୍ରଜବାସୀ, ଆଉ ଗୋପାଳମାନଙ୍କର ଗୋପାଳନ ପାଇଁ ତାଙ୍କର ପାହାଡ଼, ଜଙ୍ଗଲ ସେମାନଙ୍କର ଗୃହ ସଦୃଶ । ତାହାଉପରେ ଗୋଚାରଣ କରନ୍ତି । ତେଣୁ ଆମେ ଗୋପାଳମାନେ ଦେଖୁଥିବା ଯମୁନାକୂଳରେ ଥିବା ଗୋବର୍ଦ୍ଧନ ଗିରିକୁ ପୂଜା କର!'' ମହାରାଜା ନନ୍ଦ ପୁତ୍ର କାହ୍ନା କଥାକୁ ଗୁରୁତ୍ୱ ଦେଇ ଗୋପାଳମାନଙ୍କ ସହିତ ବିଚାର କଲେ । କାହ୍ନା ଶ୍ରୀକୃଷ୍ଣଙ୍କ କଥାକୁ ଗୋପାଳମାନେ ଗ୍ରହଣ କଲେ । ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ତିଥି ଠିକ୍ କରାଗଲା । ଏହିଦିନ ସମସ୍ତ ବ୍ରଜବାସୀଗଣ ଗିରି ଗୋବର୍ଦ୍ଧନ ପୂଜାର ଆୟୋଜନରେ ଲାଗିପଡ଼ିଲେ । ଗିରି ଗୋବର୍ଦ୍ଧନ ପୂଜାର ତିଥି ପୌରାଣିକ ଆଖ୍ୟାନୁମତେ କାର୍ତ୍ତିକ ମାସ ଶୁକ୍ଳ ପ୍ରତିପଦ ତିଥି । ବ୍ରଜଧାମ ଗିରି ଗୋବର୍ଦ୍ଧନ ପର୍ବତ ବ୍ୟତୀତ ଅନ୍ୟାନ୍ୟ ରାଜ୍ୟ ସମେତ ଓଡ଼ିଶାରେ ମଠମାନଙ୍କରେ କାର୍ତ୍ତିକ ଶୁକ୍ଳ ପ୍ରତିପଦ ପୂର୍ବାହ୍ନରେ ଗୋମୟ ସହିତ ଶୁକ୍ଳଧାନର ଚଷୁକୁ ମିଶାଇ ଏକ କାଷ୍ଠ ପିଢ଼ା କିମ୍ବା ମଠ ଓ ମନ୍ଦିରମାନଙ୍କର କୌଣସି ସ୍ଥାନରେ ଗିରି ଗୋବର୍ଦ୍ଧନ ପ୍ରତିମା ମୂର୍ତ୍ତି କରାଯାଏ । ଏହା ଯେଉଁ ସ୍ଥାନରେ ପୂଜା କରାଯିବା ପାଇଁ ଥିବ, ସେ ସ୍ଥାନକୁ ଗୋମୟରେ ଲିପାପୋଛା କରି ଶୁଦ୍ଧ କରାଯାଏ ଏବଂ ଚୁନାରେ ମଣ୍ଡଳ ପକାଯାଇ ପୂଜାର୍ଚ୍ଚନା କରାଯାଏ । ନିର୍ଦ୍ଦିଷ୍ଟ ଦିନ ପାଇଁ ଆୟୋଜନ କରିଥିବା ବହୁ ବ୍ୟଞ୍ଜନ ପିଠାଦି ଜିନିଷପତ୍ର ଧରି ଗିରି ଗୋବର୍ଦ୍ଧନଙ୍କୁ ପୂଜାର୍ଚ୍ଚନା କରିବାକୁ ଗୋପାଳମାନେ ଯମୁନାକୂଳସ୍ଥ ଗିରି ଗୋବର୍ଦ୍ଧନ ପର୍ବତ ପାଖକୁ ଗଲେ । ଗୋପାଳମାନେ ସଙ୍ଗରେ ନେଇଥିବା ଗାଈମାନଙ୍କୁ ଯମୁନା ଜଳରେ ଗାଧୋଇ ଦେଇ ତାଙ୍କ ମୁଣ୍ଡରେ ଫଗୁ, ଫୁଲମାଳ, ପିଠିରେ ନୂତନ ବସ୍ତ୍ର ପକାଇ ଧୂମ-ଦୀପ-ଅକ୍ଷତ ବନ୍ଦାପନା କରି ତାଙ୍କୁ ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ଦେଲେ । ତା'ପରେ ଗିରି ଗୋବର୍ଦ୍ଧନ ପର୍ବତ ପାଦଦେଶର ଏକ ସ୍ଥାନକୁ ଗୋମୟରେ ଲିପି ଶୁଦ୍ଧ କଲେ । ସେଠାରେ କ୍ଷୀର ସମର୍ପଣ କରି, ପତ୍ର ପକାଇ ନେଇଥିବା ବହୁ ବ୍ୟଞ୍ଜନ ପିଠାଦିକୁ ବାଢ଼ି ଧୂପ-ଦୀପ-ପୁଷ୍ପ ଦେଇ ପୂଜାର୍ଚ୍ଚନା କରି ପର୍ବତ ଉପରକୁ ନୈବେଦ୍ୟ ଭୋଗ ଫିଙ୍ଗିଲେ । ଦେବର୍ଷି ନାରଦ ବ୍ରଜପୁରକୁ ଆସି ଏହା ଦେଖିକରି ଦେବରାଜ ଇନ୍ଦ୍ରଙ୍କୁ ଯାଇ କହିଲେ ଯେ, ବ୍ରଜରେ ଆଉ ଇନ୍ଦ୍ରପୂଜା ନହୋଇ ଗୋବର୍ଦ୍ଧନ ପୂଜା ହେଉଛି । ଦେବର୍ଷି ନାରଦଙ୍କଠାରୁ ଏହା ଶୁଣି ଦେବରାଜ ଇନ୍ଦ୍ର କ୍ରୋଧାନ୍ୱିତ ହୋଇ ସମ୍ବର୍ତ୍ତକ, ଆବର୍ତ୍ତକ, ଦେୟ୍ୟ, ପୁଷ୍କର, ଚାରିମେଘ, ଚଉଷଠି ମେଘିଣୀ, ଅଣଚାଷ ପବନ ବହିବାକୁ ନିର୍ଦ୍ଦେଶ ଦେଲେ । ପ୍ରଳୟଙ୍କରୀ ବାରି ବର୍ଷଣ, ପବନରେ ଗୋପପୁରବାସୀ ସନ୍ତ୍ରସ୍ତ ହୋଇ ''ରକ୍ଷମାଂ ଜଗଦୀଶ୍ୱର ରକ୍ଷମାଂ'' କହି ଭଗବାନଙ୍କ ଶରଣାପନ୍ନ ହେଲେ । ଆଉ ଭାବିଲେ, ଆମେ ଇନ୍ଦ୍ରପୂଜା ନ କଲାରୁ ଇନ୍ଦ୍ର କୋପ କଲେ । ଏଣେ ଗାଈ-ବାଛୁରୀ ଗୁହାଳେ ହମ୍ବାରଡ଼ି ଛାଡୁଥା'ନ୍ତି । ଏସବୁ ଶୁଣି ଓ ଦେଖି ଶ୍ରୀକୃଷ୍ଣ କହିଲେ, ସମସ୍ତେ ଯିଏ ଅଛ, ନିଜ ନିଜର ଜିନିଷପତ୍ର, ଗାଈ-ବାଛୁରୀ ଧରି ଗିରି ଗୋବର୍ଦ୍ଧନ ପର୍ବତ ପାଖକୁ ଚାଲିଆସ ! ଭଗବାନ ସାତବର୍ଷର ଶ୍ରୀକୃଷ୍ଣଙ୍କ କଥାରେ ସାତବର୍ଷ ଭିତରେ କେତେଥର ଭରସା କରି ବ୍ରଜବାସୀ ଗୋପାଳମାନେ ବହୁ ସୁଫଳ ପାଇଛନ୍ତି । ଆଜି ସେହି ଭରସାରେ ଗୋପରାଜ ନନ୍ଦ, ସୁନନ୍ଦ, ମାତା ଯଶୋଦା, ରାଧା, ରାମ, କୃଷ୍ଣ ଆଉ ରହିଥିବା ଗୋପାଳମାନେ, ସମସ୍ତେ ଯମୁନାକୂଳସ୍ଥ ଗିରି ଗୋବର୍ଦ୍ଧନ ପର୍ବତ ପାଖରେ ପହଞ୍ଚିଲେ । ଗୋବର୍ଦ୍ଧନ ପାଖରେ ପହଞ୍ଚିବା ପରେ ଭଗବାନ ଶ୍ରୀକୃଷ୍ଣ ଗୋବର୍ଦ୍ଧନ ପର୍ବତଙ୍କୁ ଦୋହଲାଇ ଓ ତାହାକୁ ଓପାଡ଼ି, ଛତା ପରି ତାଙ୍କ ବାମହସ୍ତ କାଣୀ ଆଙ୍ଗୁଠିରେ ଟେକିଧରି ଗୋପପୁରବାସୀଙ୍କୁ ତା' ତଳକୁ ଆସିବାକୁ ଡାକିଲେ । ଯେଉଁ ସମୟରେ ଶ୍ରୀକୃଷ୍ଣ ତାଙ୍କ ବାମହସ୍ତ କନିଷ୍ଠାଙ୍ଗୁଳି ଦ୍ୱାରା ଗିରିରାଜ ଗୋବର୍ଦ୍ଧନଙ୍କୁ ଟେକି ଧରିଥିଲେ, ସେଠାରେ ଥିବା ରାଧା ଏହା ଦେଖି ଗୋବର୍ଦ୍ଧନଙ୍କୁ ସ୍ତୁତି କରି ତାହାର ଗୁରୁଭାର ଲାଘବ କରି ପଦ୍ମପୁଷ୍ପ ପରି ହାଲ୍କା କରିବା ପାଇଁ ପ୍ରାର୍ଥନା କରିଥିଲେ ।

***''ଶିରେ ତାତ ଗୋବର୍ଦ୍ଧନ ପ୍ରାର୍ଥନେୟଂ/ ବପୁଃସ୍ଥୂଳ ଲାଳୀ ଲଘିଷ୍ଠଂ ବିଧେୟଂ । ଭବନ୍ତୁ ଯଥା ଧାରୟନ୍ନେବ ହସ୍ତେ/ ନମସ୍ତେ ଶ୍ରମଂ ମଙ୍ଗଳାମ୍ବରମସ୍ତେ ।।''***

ରାଧାଙ୍କ ସ୍ତୁତିରେ ଗିରି ଗୋବର୍ଦ୍ଧନ ସନ୍ତୁଷ୍ଟ ହୋଇ ନିଜ ଓଜନକୁ ପଦ୍ମପୁଷ୍ପ ସଦୃଶ ହାଲ୍କା କରିଥିଲେ । ଗୋପାଳମାନେ ଡରି ଡରି ପର୍ବତ ତଳକୁ ନିଜ ନିଜର ଜିନିଷ ଓ ଗାଈ-ବାଛୁରୀ ନେଇ ଗଲେ । ପର୍ବତ ତଳକୁ ଯାଇ କେତେକ ବୃଦ୍ଧ ଗୋପାଳ ଭାବିଲେ, ସାତବର୍ଷର ପିଲା କାଣୀଆଙ୍ଗୁଠିରେ ପର୍ବତକୁ ଟେକି ଧରିଛି । ଯଦି ଛାଡ଼ିଦିଏ, ତେବେ ଆମେ ସମସ୍ତେ ପର୍ବତ ତଳେ ଚାପି ହୋଇ ମରିବା । କିନ୍ତୁ ଉପାୟ ନାହିଁ । ଶେଷରେ ଗୋପାଳମାନେ ନିଜ ନିଜର ନଉଡ଼ି ବାଉଁଶ ବାଡ଼ିକୁ ପର୍ବତକୁ ଡିରା ଦେଲେ । ସାତଦିନ, ସାତରାତ୍ରି ପ୍ରବଳ ବର୍ଷା ପବନ ଲାଗି ରହିଥାଏ । ଗୋପାଳ ଓ ଗାଈ-ବାଛୁରୀମାନେ ଖାଇବା ପିଇବା ଭୁଲି ଭଗବାନ ଶ୍ରୀକୃଷ୍ଣଙ୍କୁ ଏକଲୟରେ ଅନାଇ ରହିଥା'ନ୍ତି । ***''ଛତ୍ର ଆକାରେ ଗିରିବର ଧାରୀ, ଗୋପ ସମ୍ପଦ ରଖିଲେ ମୁରାରୀ ।''*** ଭଗବାନ ଶ୍ରୀକୃଷ୍ଣ ସାତଦିନ ସାତରାତ୍ରି ପର୍ଯ୍ୟନ୍ତ ଗିରି ଗୋବର୍ଦ୍ଧନଙ୍କୁ ଧରି ତ୍ରିଭଙ୍ଗୀ ଠାଣିରେ ଠିଆ ହୋଇଥା'ନ୍ତି । ଇନ୍ଦ୍ର ଜାଣିଲେ ଯେ, ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ । ତେଣୁ ଇନ୍ଦ୍ର ଶେଷରେ ଭଗବାନ ଶ୍ରୀକୃଷ୍ଣଙ୍କ ପାଦରେ ଶରଣ ନେଲେ । ***''ଇନ୍ଦ୍ର ସପତ ଦିନ ବୃଷ୍ଟି କଲା, ଶେଷେ ହାରିଲା ଶରଣ ପଶିଲା ।''*** ଆକାଶରେ ସୂର୍ଯ୍ୟ ଉଦିତ ଓ ନିର୍ମଳ ହେବାରୁ ଶ୍ରୀକୃଷ୍ଣଙ୍କ ଆଦେଶ ପାଇ ବ୍ରଜବାସୀଗଣ ଗିରି ଗୋବର୍ଦ୍ଧନ ପର୍ବତ ତଳୁ ବାହାରି ଆସି ଆନନ୍ଦରେ ନାଚକୁଦ କରୁଥାଆନ୍ତି । ଏହି ସମୟରେ ସ୍ୱର୍ଗରୁ ଦେବତାଗଣ ସୁରଭୀ ଓ ଐରାବତ ସହ ବ୍ରଜଭୂମିକୁ ଆସି ଗିରିଧାରୀ ଶ୍ରୀକୃଷ୍ଣଙ୍କର ବନ୍ଦନା କଲେ । ଦେବାଦେବୀଗଣ ଓ ମନୁଷ୍ୟ ଏହି ବନ୍ଦନା କରିଥିବାରୁ ହିଁ ଏହା ଗୋ-ପୂଜା ଓ ଗିରି ଗୋବର୍ଦ୍ଧନ ପୂଜା ନାମରେ ଅଭିହିତ ହୋଇଛି । ଏହାପରେ ଭଗବାନ ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନ ପର୍ବତକୁ ପୁଣି ନିଜ ସ୍ଥାନରେ ସ୍ଥାପିତ କରିଦେଲେ । ଭଗବାନ ଶ୍ରୀକୃଷ୍ଣ ସାତଦିନ ଧରି ସ୍ନାନ କରିନାହାନ୍ତି । ଇନ୍ଦ୍ରଙ୍କ ଆଦେଶରେ ସୁରଭୀ ଦୁଗ୍ଧ ଦେଲେ । ଏହି ଦୁଗ୍ଧରେ ଓ ଐରାବତ ହସ୍ତୀ ଆଣିଥିବା ଗଙ୍ଗାଜଳରେ ଭଗବାନ ଶ୍ରୀକୃଷ୍ଣ ସ୍ନାନ କଲେ ଏବଂ ବ୍ରଜପୁରର ଗୋପାଳ ବାଳକମାନେ ଗିରିରାଜ ଗୋବର୍ଦ୍ଧନ ପର୍ବତଙ୍କୁ ପୂଜା କରିବା ପାଇଁ ଆଣିଥିବା ସୁସ୍ୱାଦୁ ଦ୍ରବ୍ୟକୁ ଶ୍ରୀକୃଷ୍ଣଙ୍କୁ ଖାଇବାକୁ ଦେଲେ ଏବଂ ନିଜେ ମଧ୍ୟ ଖାଇଲେ । ଗିରି ଗୋବର୍ଦ୍ଧନ ପୂଜାରେ ପଦ୍ମ ପୁଷ୍ପ, କୁମୁଦ ବା କଇଁଫୁଲ ପୂଜାର୍ଚ୍ଚନା କରାଯିବାର ବିଶେଷ ବିଧାନ ରହିଛି । କାରଣ କୃଷ୍ଣ ଯେଉଁଦିନ ତାଙ୍କ ବାମହସ୍ତର କନିଷ୍ଠାଙ୍ଗୁଳିରେ ଗିରିରାଜ ଗୋବର୍ଦ୍ଧନ ପର୍ବତଙ୍କୁ ଟେକିଥିଲେ, ସେହି ସମୟରେ ଓ ସେଠାରେ ଶ୍ରୀରାଧା ଗିରିରାଜ ଗୋବର୍ଦ୍ଧନ ପର୍ବତ ତାଙ୍କ ଗୁରୁଭାର ଲାଘବ କରି ପଦ୍ମପୁଷ୍ପ ପରି ହାଲ୍କା କରିଦିଅନ୍ତୁ ବୋଲି ସ୍ତୁତି କରି ପ୍ରାର୍ଥନା କରିଥିଲେ । ତେଣୁ ସେହି ସ୍ମୃତିକୁ ମନେରଖିବା ପାଇଁ ଆଜି ମଧ୍ୟ ଗିରି ଗୋବର୍ଦ୍ଧନ ପୂଜାରେ ପଦ୍ମଫୁଲ, କୁମୁଦ ବା କଇଁଫୁଲରେ ପୂଜା କରାଯାଉଛି । କେହି କେହି କହିଥା'ନ୍ତି-ଭଗବାନ ଶିବ ଓ ମା' ଅନ୍ନପୂର୍ଣ୍ଣା ମହର୍ଷି ଅଗସ୍ତିଙ୍କୁ ଭୋଜନ ଦେବାପାଇଁ ନିମନ୍ତ୍ରଣ କରିଥିଲେ । କିନ୍ତୁ ମା' ଅନ୍ନପୂର୍ଣ୍ଣା ଅତିଥିଙ୍କୁ ସୁସ୍ୱାଦୁ ଖାଦ୍ୟ ନିଜେ ପରଶିଲେ । ଅତିଥି ଚଉଷଠି ପ୍ରକାର ବ୍ୟଞ୍ଜନ ଦ୍ରବ୍ୟ ଖାଇ ଦରପେଟ ଥାଆନ୍ତି । ଅନ୍ନପୂର୍ଣ୍ଣା ଆଉ ପରଶିବାକୁ କିଛି ବାକି ନଥାଏ । ମହର୍ଷି ଅଗସ୍ତି ଏହା ଜାଣି ହସି ହସି କହିଲେ, ''ପେଟପୂରା ପାଇଁ ଜଳ ଦିଅନ୍ତୁ!'' ଭଗବାନ ଶିବ ମହର୍ଷି ଅଗସ୍ତିଙ୍କ କଥା ଜାଣନ୍ତି । ତେଣୁ ସେ କହିଲେ, ଅଗସ୍ତି ଆସନ୍ତା ଦ୍ୱାପର ଯୁଗରେ ଇନ୍ଦ୍ର, କୃଷ୍ଣଙ୍କ ଉପରେ କ୍ରୋଧ କରି ଗୋପପୁରରେ ସାତଦିନ ସାତରାତି ଧରି ପ୍ରବଳ ବୃଷ୍ଟିପାତ କରାଇବେ । ସେହି ସାତଦିନ ସାତରାତିର ବୃଷ୍ଟିଜଳ ଦ୍ୱାରା ଆପଣ ପେଟ ପୂରଣ କରିବେ । ଦ୍ୱାପର ଯୁଗ ଗିରି ଗୋବର୍ଦ୍ଧନ ପୂଜା ବେଳରେ ଇନ୍ଦ୍ରଙ୍କ ସାତଦିନ ସାତରାତି ବୃଷ୍ଟିପାତ ଜଳକୁ ମହର୍ଷି ଅଗସ୍ତି ଗୋଟିଏ ଚୁଳୁରେ ଶୋଷିନେଲେ ବୋଲି କେହି କେହି କହିଥାଆନ୍ତି । ଇନ୍ଦ୍ର ଭଗବାନ ଶ୍ରୀକୃଷ୍ଣଙ୍କ ଏହି ଲୀଳା ଦେଖି ଓ ଶୁଣି କହିଲେ-''ମୁଁ ସ୍ୱର୍ଗରେ ଦେବତାମାନଙ୍କର ଇନ୍ଦ୍ର । ଆପଣ ଇନ୍ଦ୍ରଙ୍କ ଇନ୍ଦ୍ର ଓ ଗୋରୁମାନଙ୍କର ଇନ୍ଦ୍ର । ଏଣୁ ଆପଣଙ୍କ ଅନ୍ୟ ନାମ ହେଲା ଗୋବିନ୍ଦ ।''

***''ଇନ୍ଦ୍ର ହାରିଣ ଶରଣ ପଶିଲା,ଗୋପେ ଗୋବିନ୍ଦ ନାମ ଦେଇଗଲା ।''*** ପୁଲସ୍ତ୍ୟ ଋଷିଙ୍କ ଅଭିଶାପ ଗୋବର୍ଦ୍ଧନ ପର୍ବତଙ୍କ ପାଇଁ ମଙ୍ଗଳମୟ ହୋଇଥିଲା । ପ୍ରକୃତରେ ଗୋବର୍ଦ୍ଧନ ପର୍ବତ ଧନ୍ୟ । କାରଣ ଭଗବାନ ଶ୍ରୀକୃଷ୍ଣ ନିଜ ଅଙ୍ଗୁଳିରେ ଏହା ଉଠାଇଥିଲେ । ସେହିଦିନଠାରୁ ଅବଧି ଗିରିରାଜ ଗୋବର୍ଦ୍ଧନଙ୍କ ଜୟଗାନ କରି ପରିକ୍ରମା କରନ୍ତି । କାର୍ତ୍ତିକ ମାସର ଶୁକ୍ଳ ପ୍ରତିପଦ ତିଥିରେ ଗୋବର୍ଦ୍ଧନ ପୂଜା ଦିବସରେ ଯେଉଁମାନେ ପଦ୍ମଫୁଲ କିମ୍ବା କୁମୁଦ ବା କଇଁଫୁଲ ଗୋବର୍ଦ୍ଧନଙ୍କୁ ଦେଇ ପୂଜାର୍ଚ୍ଚନା କରନ୍ତି, ସେମାନେ ବହୁ ପୁଣ୍ୟ ଅର୍ଜନ କରନ୍ତି ।

**ବୈକୁଣ୍ଠନାଥ ମହାପାତ୍ର**
—ନୟାଗଡ଼

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**




# "ହୃଦୟର କଥା..."



ବର୍ତ୍ତମାନ ବ୍ୟସ୍ତବହୁଳ ଜୀବନରେ ଅତ୍ୟଧିକ ଚିନ୍ତା ଓ ଚାପ ଭିତରେ ବ□ୁଥିବା ମଣିଷ ନାନା ପ୍ରକାର ରୋଗର ଶିକାର ହେଉଛି। ମଧୁମେହ, ଉଚ୍ଚ ରକ୍ତଚାପ ଓ ହୃଦ ରୋଗରେ ବହୁ ସଂଖ୍ୟାରେ ଆକ୍ରାନ୍ତ ହେଉଛନ୍ତି। ବିଶେଷକରି ହୃତ୍‌ପିଣ୍ଡ ଜନିତ ରୋଗରେ ପ୍ରତିବର୍ଷ ବିଶ୍ୱରେ ୧୭.୩ ମିଲିୟନ ଲୋକଙ୍କ ମୃତ୍ୟୁ ଘଟୁଛି। ବିକଶିତ ଦେଶ ତୁଳନାରେ ଅନୁନ୍ନତ ଓ ବିକାଶଶୀଳ ଦେଶମାନଙ୍କରେ ପ୍ରାୟ ୮୦ ପ୍ରତିଶତ ଲୋକ ଏଥିରେ ଆକ୍ରାନ୍ତ ହୁଅନ୍ତି। ବିଶେଷକରି ବିକାଶଶୀଳ ଦେଶମାନଙ୍କରେ ହୃଦ୍ ରୋଗୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। କାରଣ ବିକାଶଶୀଳ ଦେଶମାନଙ୍କରେ ଟଙ୍କା କମାଇବାର ବ୍ୟସ୍ତତା ଭିତରେ ଲୋକମାନେ ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତି ନାହିଁ। ତେବେ ତମାଖୁ ସେବନ, ମଦ୍ୟପାନ, ଅସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ, ମେଦବହୁଳତା, ଜଙ୍କଫୁଡ୍ ପ୍ରତି ଆଗ୍ରହତା, ଆଳସ୍ୟପଣ ହେଉଛି ହୃଦ୍‌ରୋଗ ଓ ହୃଦ୍‌ଘାତର ପ୍ରମୁଖ କାରଣ। କିନ୍ତୁ ଲୋକମାନେ ଏହି ଦିଗ ପ୍ରତି ସଚେତନ ନାହାନ୍ତି । ତେଣୁ ବିଶ୍ୱବାସୀଙ୍କୁ ହୃଦ୍‌ରୋଗର କାରଣ ଓ ନିରାକରଣର ଦିଗ ଜଣାଇବା ଏବଂ ସଚେତନ କରିବା ୱାର୍ଲ୍ଡ ହାର୍ଟ ଫେଡେରେସନ ତରଫରୁ ୨୦୦୦ ମସିହା ସେପ୍ଟେମ୍ବର ୨୯ ତାରିଖକୁ ୱାର୍ଲ୍ଡ ହାର୍ଟ ଡେ ରୂପେ ପାଳନ କରାଯାଏ। ଏହି ଦିନ ହୃଦ୍‌ରୋଗର କାରଣ ଏବଂ ଏହାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେଥିପାଇଁ ଦେଶର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ହୃଦ୍‌ରୋଗୀଙ୍କ ଚିକିତ୍ସା କିପରି କରାଯାଇପାରିବ ସେ ସଂକ୍ରାନ୍ତୀୟ ତଥ୍ୟ ବିଶ୍ୱବ୍ୟାପୀ ପ୍ରସାରିତ କରିଥାଏ ଏହି ସଂଗଠନ। ଏହି ସଂଗଠନ ବିଶ୍ୱର ପ୍ରାୟ ୧୦୦ଟି ଦେଶରେ କାର୍ଯ୍ୟ କରୁଛି।

ପ୍ରଥମେ ୧୯୪୬ ମସିହାରେ ଇଣ୍ଟରନ୍ୟାସନାଲ ସୋସାଇଟି ଅଫ୍ କାର୍ଡ଼ିଓଲୋଜି ଏବଂ ୧୯୭୦ ମସିହାରେ ଇଣ୍ଟରନ୍ୟାସନାଲ କାର୍ଡ଼ିଓଲୋଜି ଗଠନ କରାଯାଇଥିଲା। କିନ୍ତୁ ୧୯୭୮ ମସିହାରେ ଏହି ଦୁଇ ଆନ୍ତର୍ଜାତୀୟ ସଂଗଠନ ଏକାଠି ହୋଇ ଇଣ୍ଟରନ୍ୟାସନାଲ ସୋସାଇଟି ଆଣ୍ଡ ଫେଡ଼େରେସନ ଅଫ୍ କାର୍ଡ଼ିଓଲୋଜି ଗଠିତ ହେଲା, ଯାହା ୧୯୯୮ ମସିହାରେ ୱାର୍ଲ୍ଡ ହାର୍ଟ ଫେଡେରେସନ ନାମରେ ନାମିତ ହେଲା। ଏହି ସଂଗଠନ ଅନୁନ୍ନତ ଏବଂ ବିକାଶଶୀଳ ଦେଶଗୁଡ଼ିକରେ ହୃଦ୍‌ରୋଗର ମୂଳୋତ୍ପାଟନ ଲକ୍ଷ୍ୟ ନେଇ କାର୍ଯ୍ୟ ଆରମ୍ଭ କଲା। ଏହି ସଂଗଠନକୁ ବିଶ୍ୱର ବିଭିନ୍ନ ସ୍ଥାନରୁ ହୃଦ୍‌ରୋଗର ମୁକାବିଲା ପାଇଁ ସହଯୋଗ ଯୋଗାଇ ଦିଆଯାଉଛି। ବିଭିନ୍ନ ଦେଶର ପ୍ରାୟ ୨୦୦ ଜଣ ଏହି ସଂଗଠନର ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ବିକାଶଶୀଳ ଦେଶମାନଙ୍କରେ ହୃଦ୍‌ରୋଗୀ ସଂଖ୍ୟା ବଢୁଥିଲେ ମଧ୍ୟ ଏହା କେଉଁଥିପାଇଁ ହେଉଛି ସେଥିପ୍ରତି ଅନେକେ ସଚେତନ ନାହାନ୍ତି। ତେବେ ଏହି ସଂଗଠନ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଅନୁନ୍ନତ ଦେଶଗୁଡ଼ିକରେ ହୃଦ୍‌ରୋଗର ମୁକାବିଲା କରିବା ପାଇଁ ଥିବା ନୂତନ ଜ୍ଞାନକୌଶଳର ଅଭାବକୁ ଦୂର କରୁଛି ଏହି ସଂଗଠନ। ପ୍ରତିବର୍ଷ ସଂଗଠନ ପକ୍ଷରୁ ବିଭିନ୍ନ ପ୍ରକାର ନାଟକ, ଖେଳ ଆଦି ଅନେକ କାର୍ଯ୍ୟକ୍ରମର ଆୟୋଜନ ବିଶ୍ୱବ୍ୟାପୀ କରାଯାଏ। ପ୍ରତିବର୍ଷ ନୂଆ ନୂଆ ସ୍ଲୋଗାନ ଦେଇ ଏହି ପ୍ରକାର କାର୍ଯ୍ୟକ୍ରମଗୁଡ଼ିକ ଆୟୋଜିତ ହୋଇଥାଏ। ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଦ୍ୱାରା ବିଶ୍ୱବାସୀଙ୍କୁ ସଚେତନ କରାଇବା ଲକ୍ଷ୍ୟକୁ ୱାର୍ଲ୍ଡ ହାର୍ଟ ଫେଡ଼େରେସନ ସଫଳତାର ସହ ତୁଲାଉଛି। ସାଧାରଣରେ ହୃଦ୍‌ରୋଗକୁ ନେଇ ଅନେକ ଲୋକଙ୍କ ଭିତରେ ଏକ ଭୟ ଓ ଆଶଙ୍କାର ବାତାବରଣ ରହିଥାଏ। କିନ୍ତୁ ପ୍ରକୃତ କଥା ହେଉଛି ଏକ ଉତ୍ତମ ଓ ଯୋଜନାବଦ୍ଧ ଦିନଚର୍ଯ୍ୟା, ବିଶ୍ରାମ, ଖାଦ୍ୟ ଓ ସୁଚିନ୍ତନ ଦ୍ୱାରା ସର୍ବୋପରି ପ୍ରାଥମିକ ଅବସ୍ଥାରେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏହାକୁ ନେଇ ପରବର୍ତ୍ତୀ ସମୟରେ ଭୟର କୌଣସି କାରଣ ରହିବନାହିଁ। ଆପଣଙ୍କର ଉଚ୍ଚରକ୍ତଚାପ ବା ଡାଇବେଟିସ୍ ଥିଲେ ଏହାକୁ ଚିକିତ୍ସା ଦ୍ୱାରା ନିୟନ୍ତ୍ରଣରେ ରଖନ୍ତୁ। ସୁଷମ ଖାଦ୍ୟ ଭିତରେ ସବୁଜ ପନିପରିବା, ଫଳ ସବୁଠାରୁ ଭଲ। ସେହିପରି ଯୋଗାଭ୍ୟାସ, ପ୍ରାଣାୟାମ, ବ୍ୟାୟାମ, ସୂର୍ଯ୍ୟ ନମସ୍କାର, ସନ୍ତରଣ, ସାଇକେଲ ଚାଳନା, ପ୍ରାତଃ ଭ୍ରମଣ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅତ୍ୟନ୍ତ ଆବଶ୍ୟକ। ହୃଦ୍‌ରୋଗ ଜନିତ ସମସ୍ୟାକୁ ନେଇ ମାନସିକ ଭାବେ ଚିନ୍ତିତ ହୁଅନ୍ତୁ ନାହିଁ ବା ଅସ୍ୱସ୍ତି ଅନୁଭବ କରନ୍ତୁ ନାହିଁ। ସେହିପରି ବୃତ୍ତିଗତ ଜୀବନ ବା ଅବସର ଜୀବନ ହେଉ ହୃଦ୍‌ରୋଗ ଆଶଙ୍କାକୁ ନେଇ କୌଣସି ବ୍ୟସ୍ତସ୍ଥା, ଦୁଃଶ୍ଚିନ୍ତା ଓ ହତାଶ ଭାବ ରହିବା କଥା ନୁହେଁ। ନିଜକୁ ହୃଦ୍‌ରୋଗ କ୍ଷେତ୍ରରେ କୌଣସି ଅସ୍ୱସ୍ତିକର ଅନୁଭବ କଲେ ସରକାରଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଥିବା ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ରାଜ୍ୟର ସର୍ବବୃହତ୍ ଚିକିତ୍ସାଳୟରେ ଅବସ୍ଥାପିତ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ, ନିଦାନ ଓ ଚିକିତ୍ସା ଦ୍ୱାରା ଆପଣଙ୍କ ହୃଦୟର ସମସ୍ୟା ଚିନ୍ତାର କାରଣ ପାଲଟିବ ନାହିଁ। ସବୁବେଳେ ମନେରଖିବେ ହୃଦୟକୁ ନେଇ ଆପଣ ଚିନ୍ତା ନକରି ଆପଣ କିପରି ଏକ ଆଦର୍ଶ ଓ ସ୍ୱାସ୍ଥ୍ୟମୟ ଦିନଟି ବିତାଇବେ ତାହା ଚିନ୍ତା କରନ୍ତୁ। ସବୁବେଳେ ସତ୍‌ଚିନ୍ତନ ଓ ଆଧ୍ୟାତ୍ମିକ ଜୀବନଚର୍ଯ୍ୟା ଏ କ୍ଷେତ୍ରରେ ଏକ ମହୌଷଧି ପରି କାମକରେ।

**—ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର**, ଆସୋସିଏଟ୍ ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୨୭୭୮୬୪

## ଜିଲ୍ଲାସ୍ତରୀୟ ୭୧ତମ ଗୋସମ୍ବର୍ଦ୍ଧନା ଉତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଭବାନୀପୁର ପଂଚାୟତ ଭୁବନଠାରେ ଜିଲ୍ଲାସ୍ତରୀୟ ୭୧ତମ ଗୋ ସମ୍ବର୍ଦ୍ଧନା ଉତ୍ସବ, ଗୋପୂଜନ ଓ ସଫଳ କୃଷକଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଉଦଘାଟନ କରିଥିଲେ। ଏହି ଉତ୍ସବରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପଦ୍ମନାଭ ଦାଶ ଅଧ୍ୟକ୍ଷତା କରିବା ସହ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ସୁସେନ କୁମାର ପଣ୍ଡା ଯୋଗଦେଇ ଉନ୍ନତମାନର ଗୋ-ଚାଷ କରିବା ସହ ସମନ୍ୱିତ ଭାବେ ବ୍ୟବସାୟିକ ଭିତିରେ ଧାନ, ପନିପରିବା, ଛତୁ, କୁକୁଡା ଚାଷ କରିବା ପାଇଁ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା ଯୋଗଦେଇ ସମାଜ ଗୋମାତାଙ୍କୁ ଆଦ୍ୟକାଳରୁ ଗୁରୁତ୍ୱାରୋପ କରିଆସୁଛି। ଗୋ-ପାଳନ କରି ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କୃଷି ଅଧିକାରୀ ଉଦୀପ୍ତ କୁମାର ତ୍ରିପାଠୀ, ପ୍ରଫେସର ଡା. ପୂର୍ଣ୍ଣଚନ୍ଦ୍ର ମିଶ୍ର, ଏଭିଏଏସ ଡା. ସୁବାସ ଚନ୍ଦ୍ର ଜେନା, ଭବାନୀପୁର ପଂଚାୟତର ସରପଂଚ ଜ୍ୟୋତିର୍ମୟୀ ନାୟକ ଓ ସମିତିସଭ୍ୟା ସରୋଜିନୀ ମହାଁ ଅତିଥି ଭାବେ ଯୋଗଦେଇ ଗୋମାତାର ଯତ୍ନ ନେବା ସହ ସରକାର କରିଥିବା ଯୋଜନାର ଫାଇଦା ନେବାକୁ ଚାଷୀମାନଙ୍କୁ କହିଥିଲେ। ସୁକିନ୍ଦାର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁଭଶ୍ରୀ ନାୟକ ମଂଚ ସଂଚାଳନ କରିଥିଲେ। ଏହି ଅବସରରେ ଧର୍ମଶାଳା ବ୍ଲକର ବୀରବର ବେହେରା, ପରେଶ କୁମାର ମିଶ୍ର, ପ୍ରଦିପ୍ତ କୁମାର ନାୟକ, ପ୍ରମୋଦ ପଣ୍ଡା, ବିଂଝାରପୁର ବ୍ଲକର ତପନ କୁମାର ସ୍ୱାଇଁ, ଦାନଗଦୀ ବ୍ଲକର ଉଦୟ କୁମାର ରାଉତ, ଦଶରଥପୁର ବ୍ଲକର ଚିନ୍ମୟ ରଂଜନ ସାହୁ, ସୁକିନ୍ଦାର ଦେବାଶିଷ ପଣ୍ଡା, କୋରେଇ ବ୍ଲକର ବିସି ସାମଲ, ଯାଜପୁରର ଆଶୁତୋଷ ଦାସ, ନରେନ୍ଦ୍ର ବେହେରା, ସୁଶାଂ କୁମାର ବିଶ୍ୱାଳ, ରସୁଲପୁରର ଶତ୍ରୁଘ୍ନ ବେହେରା, ବରୀର ଦେବାନନ୍ଦ କର ପ୍ରମୁଖ ୧୪ଜଣ ଚାଷୀଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଚାଷ ଓ ବୈଜ୍ଞାନିକଙ୍କ ମଧ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଚାଷୀମାନେ ବିଭିନ୍ନ ସମସ୍ୟା ସଂପର୍କରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏହାର ସମାଧାନର ସୂତ୍ର ସଂପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ପ୍ରାରମ୍ଭରେ ଗୋ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ଧର୍ମଶାଳା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରଂଜନ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବଶକ୍ତିର ଭବିଷ୍ୟତ !

ଭାରତ ପରି ସଂଖ୍ୟାଧିକ ଯୁବ ସମାଜ ଥିବା ଦେଶରେ ଯୁବକମାନେ ଏବେ ସମସ୍ତଙ୍କ ପଶାପାଲିର ଗୋଟି ହେବାରେ ଲାଗିଛନ୍ତି। ବୈଷୟିକ ଶିକ୍ଷାନୁଷ୍ଠାନ, ଗ୍ରାମା□ଳ ଓ ସହରା□ଳର ଏହି ଯୁବଶକ୍ତିକୁ କଳେବଳେ କୌଶଳରେ ନିଜ ସପକ୍ଷରେ ନେବାଲାଗି ପ୍ରଲୋଭନ ଦେଖାଯାଉଛି। ବ୍ୟାବସାୟିକ ଗୋଷ୍ଠି ବିଦେଶୀ ପୋଷାକ ହେଉ ଅଥବା ଚୀନର ମୋବାଇଲ ମାଧ୍ୟମରେ। ରାଜନୀତିକ ଗୋଷ୍ଠି ଲାପଟପ୍ ବଣ୍ଟନ, ମାଗଣା ଅର୍ଥ ପ୍ରଦାନ, ମନୋରଂଜନ କାର୍ଯ୍ୟକ୍ରମ ଆଦି ଦ୍ୱାରା ଲୋଭାନ୍ୱିତ କରିବାରେ ବ୍ୟସ୍ତ। ବିଭାଜନକାରୀ ଗୋଷ୍ଠିମାନେ ସୋସିଆଲ ମିଡିଆରେ ତ୍ରୁଟିପୂର୍ଣ୍ଣ ପ୍ରଚାର, ବିପଥଗାମୀ ହେବାଲାଗି ବିଚାର ଆଦି ଛାଡିବାରେ ବ୍ୟସ୍ତ। ସମାଜ ବିରୋଧୀ ଗୋଷ୍ଠିଗୁଡିକ ତତ୍‌କ୍ଷଣାତ୍ ଲାଭ, ହାତପାଆନ୍ତାର ସୁବିଧା, ଅଳ୍ପ ପରିଶ୍ରମରେ ଧନୀ ହେବାର ସୁନେଲି ସ୍ୱପ୍ନ ବୁଣିବାରେ ବ୍ୟସ୍ତ। କମ୍ପାନୀମାନେ ଦେଶବିଦେଶକୁ ଯାତ୍ରା, ରାତିପାହିବା ବେଳକୁ ବଦଳିଯାଉଥିବା ଜୀବନ ସଂପର୍କରେ କହି ସେମାନଙ୍କୁ ନିଜ ପାଲରେ ପକାଇବାକୁ ସଜାଗ। ସେହିପରି ସ୍ୱାର୍ଥପର ପିତାମାତାମାନେ ପିଲାଙ୍କୁ ଖୁବ୍ ଶିଘ୍ର ଅର୍ଥ ରୋଜଗାର କରିବା ମେସିନ୍‌ରେ ପରିଣତ କରିବାକୁ ସତତ ଚେଷ୍ଟିତ। ଭୋଗବାଦୀ ବିକୃତ ପ୍ରଚାରକାରୀମାନେ ଏମାନଙ୍କୁ ଯୌନବୁଭୁକ୍ଷୁ, ନଂପୁସକ, ମଦ୍ୟାସକ୍ତ କରିବା ଲାଗି ପ୍ରସ୍ତୁତ। ଯାହାଫଳରେ ସାରା ପୃଥିବୀରେ ସନ୍ତ୍ରାସବାଦ, ଅପରାଧ, ରାଜନୀତିକ ହିଂସାକାଣ୍ଡ ଆଦି ବିବିଧ ଘଟଣାରେ ସଂପୃକ୍ତ ରହି ଏମାନେ ସମାଜର ବିଘଟନରେ ଲାଗିପଡିଛନ୍ତି।

ସହରା□ଳ ଯୋଜନାଠାରୁ ଆରମ୍ଭ କରି ଗ୍ରାମବିକାଶ ପର୍ଯ୍ୟନ୍ତ ପରିଯୋଜନାଗୁଡିକରେ ଏମାନଙ୍କ ଉପଯୁକ୍ତ ବିନିଯୋଗ ଓ ବିକାଶର ସଂପର୍କରେ ସମାଜ ଯେ ଅଧିକ ସଚେତନ ତାହା ଜଣାପଡେ ନାହିଁ। ଫଳରେ ଗ୍ରାମରୁ ସହରଯାଏ ସବୁଠି ଖେଳପଡିଆଗୁଡିକର ସଂଖ୍ୟା ହ୍ରାସ ପାଇ ମାତ୍ର କେତୋଟି ଶିକ୍ଷାନୁଷ୍ଠାନ କିମ୍ବା ଷ୍ଟାଡିୟମ ଭିତରେ ସୀମିତ ହେଲାଣି। ଯେଉଁଠି ବି ଖେଳ ପଡିଆ ରହୁଛି ତାକୁ କିଛିଦିନପରେ ଅନ୍ୟମାନେ ଦଖଲ କରି ନେଉଛନ୍ତି। ଦେଶବାସୀଙ୍କୁ ସୁସ୍ଥ, ସବଳ, କାର୍ଯ୍ୟକ୍ଷମ କରି ରଖିବାକୁ ଅଧିକ ବ୍ୟାୟାମଶାଳା, ଖେଳପଡିଆ ଆବଶ୍ୟକ। କିନ୍ତୁ ସହରମାନଙ୍କରେ ଏବେ ଯେତେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି ତଦନୁପାତରେ ଖେଳ ପ୍ରତିଯୋଗିତା ହେଉନାହିଁ। ଦେଶର ରାଜନୀତିକ ଦଳଗୁଡିକ ଯୁବକମାନଙ୍କୁ ନିଜର ସମର୍ଥକ ଓ ଭୋଟର କରିବାରେ ବ୍ୟସ୍ତ। ଗଣମାଧ୍ୟମଗୁଡିକ ଏଥିପାଇଁ ରାତିଦିନ ସାହାଯ୍ୟ କରୁଛନ୍ତି। ସେହି ଲକ୍ଷ୍ୟରେ ହ୍ୱାଟସ୍‌ଆପ ଗୋଷ୍ଠି ତିଆରିଠାରୁ ଭିନ୍ନ ଭିନ୍ନ ପ୍ରଚାର ମାଧ୍ୟମଗୁଡିକର ଉପଯୋଗ କରାଯାଉଛି। ପ୍ରଶଂସକ ଗୋଷ୍ଠି ଗଠନ ଏହାର ଏକମାତ୍ର ଲକ୍ଷ୍ୟ। ପରିବାର, ସମାଜ, ଦେଶ ଓ ବିଶ୍ୱରେ ସଂଚାର ବ୍ୟାପକ ହେବାବେଳେ ସଂପର୍କ ଓ ବିଚାର ସଂକୁଚିତ ହେବାରେ ଲାଗିଛି। ଏହି ସଂକୁଚିତ ବିଚାରରୁ ସ୍ୱାର୍ଥସର୍ବସ୍ୱ ମଣିଷମାନେ ବାହାରୁଛନ୍ତି। ଏମାନେ ସାକ୍ଷର ସତ। କିନ୍ତୁ ସଦାଚାରଯୁକ୍ତ ନୁହନ୍ତି। ଏମାନେ ଆଧୁନିକ ବିଦ୍ୟା ବୁଦ୍ଧିରେ ପାରଙ୍ଗମ ସତ କିନ୍ତୁ ପାରମ୍ପରିକ ଜ୍ଞାନ ଓ ସଚେତନତା ଏମାନଙ୍କ ପାଖରେ କମ୍। ଏମାନେ ରକେଟ ପରି ଆକାଶରେ ଉଡିବା ପାଇଁ ଚାହାନ୍ତି। ଅଥଚ ଗଭୀର ସାଗରରେ ଜ୍ଞାନର ଶାମୁକା ଗୋଟାଇବା ଲାଗି ଅଧିକ ସ୍ଥିତପ୍ରଜ୍ଞ ହେବାକୁ ଏମାନଙ୍କ ନିକଟରେ ଆଗ୍ରହର ଅଭାବ ରହିଛି। ଅଳ୍ପକେ ଏମାନଙ୍କୁ ଅନ୍ୟମାନେ ପ୍ରଭାବିତ କରିପାରୁଥିବା ସ୍ଥଳେ ଏମାନେ ଅନ୍ୟମାନଙ୍କୁ ପ୍ରଭାବିତ କରିବା ଅଳ୍ପ ଦେଖାଯାଏ।

ଯୁବଶକ୍ତିର ସମ୍ମୁଖରେ ଆମେ ମଡେଲ କରୁ ଖେଳାଳି ସଂଗୀତକାର କିମ୍ବା ଅଭିନେତାମାନଙ୍କୁ। ସେମାନଙ୍କୁ ସ୍ଥାୟୀ ଚରିତ୍ରଧାରୀ ହେବାକୁ, ବୁଦ୍ଧିମାନ ହେବାକୁ ଯେଉଁସବୁ ଆଧ୍ୟାତ୍ମିକ, ସଂସ୍କୃତିଗତ ଶିକ୍ଷା ଆବଶ୍ୟକ ସେ ବିଷୟରେ କେଉଁଠି ହେଲେ ଚର୍ଚ୍ଚା ଆଲୋଚନା କରୁନାହିଁ। ଏଠାରେ ବୁଦ୍ଧିର ବିତର୍କ ଅପେକ୍ଷା ତାତ୍‌କାଳୀନ ରାଜନୀତିକ ବିତର୍କରେ ଏମାନଙ୍କୁ ଆମେ ବାନ୍ଧି ଦେଉଛୁ। ସାରଶୂନ୍ୟ ଆଲୋଚନା, ଭୋଗବାଦୀ ସାହିତ୍ୟ, ଶ୍ଲୀଳତା ହାନିକର ସିନେମା ଓ ନୃତ୍ୟଗୀତ, ମସ୍ତିଷ୍କ ବିକୃତକାରୀ ବିଚାର, ବ୍ୟକ୍ତିକୈନ୍ଦ୍ରିକ ମହାତ୍ମ୍ୟର ପ୍ରଚାର ମାଧ୍ୟମରେ ଏବେ ଯୁବଶକ୍ତିକୁ ସମସ୍ତେ ନିଜ ନିଜ ଲାଭରେ ବିନିଯୋଗ କରିବାରେ ଲାଗିପଡିଛନ୍ତି। ସୃଜନଶୀଳତାର ବିକାଶ, ଜଗତକଲ୍ୟାଣକାରୀ ଉଦ୍‌ଭାବନ, ମାନବଶାନ୍ତିକାରୀ ସାମାଜିକ ଓ ସାଂସ୍କୃତିକ ପ୍ରୟାସ, ତ୍ୟାଗ -ତପସ୍ୟା-ବଳିଦାନ ପାଇଁ ପ୍ରୋତ୍ସାହନକାରୀ ସଂସ୍କାର ମୁଖୀପ୍ରେରଣା ଦେବାକୁ କେହି ଚାହୁଁନାହାନ୍ତି। ଫଳରେ କୋଟି କୋଟି ସଂଖ୍ୟକ ମଣିଷଙ୍କ ମେଳରୁ ଗୋଟିଏ ଗୋଟିଏ ନୂତନ ବସ୍ତୁ ଉଦ୍‌ଭାବିତ ହେବାର ସମ୍ଭାବନା ଦେଖାଯାଉ-ନାହିଁ। ଦେଶର ଓ ବିଶ୍ୱର ସଂଖ୍ୟାଧିକ ଯୁବଶକ୍ତିକୁ ଯଦି ଆଗାମୀ ଦିନରେ ଗଠନମୂଳକ, ନବସଂକଳ୍ପନା ନେଇ କାର୍ଯ୍ୟ କରିବାପାଇଁ ଅନୁପ୍ରେରିତ କରାନଯାଏ ତେବେ ସମାଜ ଯେପରି ସଂକୀର୍ଣ୍ଣ, ସ୍ୱାର୍ଥପର, ଅହଂକାରୀ ହେବାରେ ଲାଗିଛି ସେମିତି ଅପସଂସ୍କୃତି ଓ ହୀନ ବିଚାର ଯୁକ୍ତ ମଣିଷଙ୍କର ସଂଖ୍ୟାରେ ଭରି ହେବାରେ ଲାଗିଛି, ସେହି ଧାରା ବଳବତ୍ତର ରହିବ। ଫଳରେ ଯୁବଶକ୍ତି ପୃଥିବୀର ସୁରକ୍ଷା ବଦଳରେ ବିଘଟନକାରୀ ଶକ୍ତି ଭାବରେ ଛିଡା ହେବେ। ତେଣୁ ଏବେଠୁ ସମସ୍ତେ ସଚେତନ ହେବା ଆବଶ୍ୟକ। ଯୁବଶକ୍ତି ସ୍ୱାର୍ଥସାଧନର ଗୋଟି ନହେବା ଆବଶ୍ୟକ।

**ଜେ.ଏସ. କୁମାର**, ଭାରତୀୟ ସମ୍ବାଦ ସେବା (ଭାସ), ଭୁବନେଶ୍ୱର-୩


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ପ୍ରଦେଶ କଂଗ୍ରେସ ଲିଗାଲ୍ କୁଇକ୍ ଆକ୍ସନ୍ କମିଟିର ସମ୍ବାଦିକ ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ରାଜ୍ୟ କଂଗ୍ରେସର ଲିଗାଲ୍ କୁଇକ୍ ଆକ୍ସନ କମିଟିର ଅଧ୍ୟକ୍ଷ, ବରିଷ୍ଠ ଆଇନ୍‌ଜୀବୀ ଶ୍ରୀଯୁକ୍ତ ଶିବାନନ୍ଦ ରାୟଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ୍ ଭବନ ଠାରେ ଆୟୋଜିତ ଏହି ସମ୍ବାଦିକ ସମ୍ମିଳନୀରେ ଧାମନଗର ଉପନିର୍ବାଚନରେ ବିଜୁ ଜନତାଦଳ ଓ ଭାରତୀୟ ଜନତା ପାର୍ଟି ଦ୍ୱାରା ହେଉଥିବା ବିଭିନ୍ନ ଅନୈତିକ କାର୍ଯ୍ୟ, ସରକାରୀ କଳର ଅପବ୍ୟବହାର, ଅର୍ଥବଳ ଓ ବାହୁବଳ ପ୍ରୟୋଗ କରି ଭୋଟରମାନଙ୍କୁ ଭୟଭୀତ କରିବା ସହିତ ଭୋଟ ବ୍ୟବଧାନ ଅଧିକ ହେଲେ ପୁରସ୍କୃତ କରିବା ପ୍ରଲୋଭନ ଦେଖାଇବା ଇତ୍ୟାଦି ବିରୁଦ୍ଧରେ ବିଧାୟକ ତଥା ବରିଷ୍ଠ ନେତା ସୁରେଶ ରାଉତରାୟ ବିଷୋଦ୍‌ଗାର କରିଥିଲେ। ଏହି ନିର୍ବାଚନକୁ ନିରପେକ୍ଷ ଉପାୟରେ କରାନଗଲେ, ଆଗାମୀ ଦିନରେ କଂଗ୍ରେସ ଦଳ ଦୃଢ଼ ପ୍ରତିବାଦ କରିବା ସହିତ ରାଜରାସ୍ତାକୁ ଓହ୍ଲାଇବ ବୋଲି ଉପସ୍ଥିତ ସଦସ୍ୟବୃନ୍ଦ ସର୍ବୋପରି ମନୋଜ ନାୟକ, ମିତ୍ରଭାନୁ ମହାପାତ୍ର, ବରିଷ୍ଠ ନେତା ପ୍ରକାଶ ଜେନା ଏହି ସମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇଛନ୍ତି। ଶେଷରେ ସଦସ୍ୟ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ସମିତି ସଭ୍ୟଙ୍କ ପରଲୋକ



ଭଗାମୁଣ୍ଡା (ପିଏନ୍):ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ପଂଚାୟତରେ କଂଗ୍ରେସ ଦଳ ତରଫରୁ ଦୁଇ ଦୁଇଥର ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିବା ଗଣେଶ୍ୱର ସାହୁ (୬୪)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ସେ କୀଡନୀ ଏବଂ ଡାଇବେଟିସ୍ ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିଲେ। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ଭଗାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ତାଙ୍କର ସକାଳ ୫.୩୦ ବେଳେ ପରଲୋକ ଘଟିଥିଲା। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ସବୁ ରାଜନୈତିକ ଦଳର କର୍ମୀମାନେ ତାଙ୍କ ବାସଭବନରେ ପହଂଚି ତାଙ୍କର ଶେଷ ଦର୍ଶନ କରିଥିଲେ। ଏଥିରେ ହରିଚନ୍ଦନପୁର ବ୍ଲକ ବିଜେଡି ଉପସଭାପତି ବିଜୟ କୁମାର ସାହୁ, ପୂର୍ବତନ ବ୍ଲକ ବିଜେଡି ସଭାପତି ଅମର କୁଅଁର, ୩୩ନଂ ଜୋନ୍ ଜିଲ୍ଲାପରିଷଦ ମାଇନ ସୋରେନ୍, କଂଗ୍ରେସର ବ୍ଲକ ସଭାପତି ସୁରଥ ସାହୁ, କଂଗ୍ରେସର ଏମ୍.ଏଲ୍.ଏ. ପ୍ରାର୍ଥୀ ବାପି ଦଳେଇ, କର୍ମୀ ସୁଦୁର ପାଇକରାଏ, କୃଷ୍ଣ ମହାନ୍ତି, କୈଳାସ ମହାନ୍ତି, ଭଗାମୁଣ୍ଡା ସରପଂଚ ଫୁଲମଣୀ ନାଏକ, ସମାଜସେବୀ ଚିନ୍ମୟ ସାହୁ, ବାବୁଲି ସାହୁ ପ୍ରମୁଖଙ୍କ ସହ ଗ୍ରାମବାସୀ ତଥା ଆଖପାଖ ଅଂଚଳର ବହୁ ଜନସାଧାରଣ ତାଙ୍କର ଶେଷ ଦର୍ଶନ କରିଥିଲେ। କଂଗ୍ରେସ ଦଳର ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକ ୰ଶ୍ରୀ ସାହୁଙ୍କ ମୃତ୍ୟୁ ଖବର ପାଇ ଶୋକ ବ୍ୟକ୍ତ କରିବା ସହ ସେ ଦିଲ୍ଲୀ ଗସ୍ତରେ ଥିବାରୁ ଶେଷ ଦର୍ଶନ କରିବାକୁ ଆସିପାରି ନଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ସୁଶାନ୍ତ ସାହୁ, ସୁମନ୍ତ ସାହୁ, ଦୁଇ ବୋହୂ, ତିନି ଭଉଣୀ, ନାତି, ନାତୁଣୀ, ଭଣଜା, ଭାଣିଜୀ ଉପସ୍ଥିତ ଥିଲେ। ୰ଗଣେଶ୍ୱର ସାହୁଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ତାଙ୍କର ବଡପୁଅ ସୁଶାନ୍ତ ସାହୁ ମୁଖାଗ୍ନି ଦେଇଥିଲେ।

## ବାଲେଶ୍ୱର ଏନ.ଆଇ.ସି.ରେ ନିୟମ ପରାମର୍ଶଦାତା ଓ କାର୍ଯ୍ୟବଳ କମିଟି ବୈଠକ



ବାଲେଶ୍ୱର (ପିଏନ୍)-ଜିଲ୍ଲା ପିସିପିଏନଡ଼ିଟି ନିୟମ ପରାମର୍ଶଦାତା ଓ କାର୍ଯ୍ୟବଳ କମିଟି ବୈଠକ ଅଧ୍ୟକ୍ଷ ତଥା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏନ.ଆଇ.ସି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ ଦୁଲାଲ ସେନ ଜଗଦେବ ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ବିଭାଗ ଡ. ଶଶାଙ୍କ ଶେଖର ଚୌଧୁରୀ କାର୍ଯ୍ୟସୂଚୀ ଉପସସ୍ଥାପନା କରିଥିଲେ। ସମସ୍ତ ଆଲୋଚନା ଓ ବିଚାର ବିମର୍ଶ ପରେ ଜିଲ୍ଲାର ସମସ୍ତ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକୁ ଯା□ କରିବା ସହ ଆଇନ ଖିଲାପ କରୁଥିବା କେନ୍ଦ୍ରଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଡା. ମୃତ୍ୟୁଞ୍ଜୟ ମିଶ୍ର ଓ ଡ଼ିପିଏମ ଅନୀଲ କୁମାର ମହାନ୍ତ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏଏମଏଲଏଆଇଏସ ମାନସ କୁମାର ସାମନ୍ତ ପରିଚାଳନା କରିଥିଲେ।




# ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ

ସୁବର୍ଣ୍ଣପୁର,(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ଅଧ୍ୟକ୍ଷ, ପଶ୍ଚିମ ଓଡିଶା ବିକାଶ ପରିଷଦ ଅସିତ ତ୍ରିପାଠୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ଗତକାଲି ଅପରାହ୍ନରେ ସୋନପୁର ଠାରେ ପହଂଚିଥିଲେ। ପରେ ୨ଟା ୩୦ ମିନିଟ୍ ରେ ସ୍ଥାନିୟ ସର୍କିଟ ହାଉସ ଠାରେ ପ୍ରସ୍ତାବିତ ଡବ୍ଲୁଓଡିସି ହ୍ୟାଣ୍ଡଲୁମ ମଲ ର ଯୋଜନା ଓ ଅଗ୍ରଗତି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ତତ ସହ ଜିଲ୍ଲାର ହ୍ୟାଣ୍ଡଲୁମ ବସ୍ତ୍ର ବୁଣାଳୀଙ୍କ ସହିତ ଆଲୋଚନା କରି ବୁଣାକାର ମାନଙ୍କୁ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରସ୍ତୁତ ହସ୍ତତନ୍ତ ବସ୍ତ୍ରର ଚାହିଦା ଦୃଷ୍ଟିରୁ ନୂତନ ଡିଜାଇନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେବାସହ ଜିଲ୍ଲାର ହ୍ୟାଣ୍ଡଲୁମ ବସ୍ତ୍ରର ବଜାରୀକରଣକୁ ଅଧିକ ସୁଦୃଢ଼ ପ୍ରସାରି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପରେ ପରେ ଅଧ୍ୟକ୍ଷ ୩ଟା ୩୦ ମିନିଟ୍ ରେ କ୍ଷେତ୍ର ପରିଦର୍ଶନରେ ବାହାରି ଡୁଙ୍ଗୁରିପାଲି ବ୍ଲକର ରାମପୁର ଠାରେ ଶ୍ରୀରାମ ମହାବିଦ୍ୟାଳୟ ଦ୍ୱାରା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ ଭବ୍ୟ ସଭାରେ ଯୋଗଦାନ କରି ବିଦ୍ୟାର୍ଥୀଙ୍କୁ ଉଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ ଉପାଦେୟ ପରାମର୍ଶ ଦେଇଥିଲେ। ତତ ପଶ୍ଚାତ ରାମପୁର ଠାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଦ୍ୱାରା ୫୫ ଲକ୍ଷ ଟଙ୍କାରେ ନିର୍ମାଣାଧିନ ବିଜୁ ଗ୍ରାମୀଣ ବଜାରର କାର୍ଯ୍ୟ ବୁଲି ଦେଖିଥିଲେ ଓ ସମୟ ଅବଧି ଭିତରେ କାମ ସମାପ୍ତ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ଥାନୀୟ ସରକାରୀ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅଧାରୁ ପାଠ ଛାଡିଥିବା ବାଳିକା ବିଦ୍ୟାର୍ଥୀଙ୍କ ସହ ଭାବ ବିନିମୟ କରିବା ସହ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ।ତାଙ୍କର ଏହି ଗସ୍ତ ଅବସରରେ ମନ୍ତ୍ରୀ ଅର୍ଥ ଓ ସଂସଦୀୟ ବ୍ୟାପାର ନିରଞ୍ଜନ ପୂଜାରୀ, ପଶ୍ଚିମ ଓଡିଶା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ଃ. ଅଜିତ କୁମାର ମିଶ୍ର, ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ, ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।ପରେ ବିନିକା ମାର୍କେଟ ୟାର୍ଡ଼ ଠାରେ ଡୁଙ୍ଗୁରିପାଲି ବ୍ଲକ୍ ର ଗଜବନ୍ଧ ଏବଂ ଗଣିଆ ସମେତ ଅନ୍ୟାନ୍ୟ ଗ୍ରାମରେ ଚାଷୀ ମାନଙ୍କ ସହିତ ମାଛ ଚାଷ ଓ ଅନ୍ୟାନ୍ୟ ଚାଷ ସମ୍ବନ୍ଧରେ ପଚାରି ବୁଝିଥିଲେ। ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ଚାଷୀ ମାନଙ୍କ ସହିତ ସମନ୍ୱିତ ଚାଷ, ଧାନ ବଜାର ଓ ବିକ୍ରି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସେ ଏହି ଅବସରରେ ଚାଷୀ ମାନଙ୍କୁ କେବଳ ଧାନ ଚାଷ ନକରି ଅନ୍ୟାନ୍ୟ ଅଣଧାନ ଅଧିକ ଲାଭକାରୀ ଚାଷ କରିବା ଉପରେ ପରାମର୍ଶ ଦେଇଥିଲେ। ଯାହାଦ୍ୱାରା ଜିଲ୍ଲାର ଚାଷ ଓ ଚାଷୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ। ଏହି ବୈଠକରେ ନିୟନ୍ତ୍ରିତ ବଜାର କମିଟି ଡୁଙ୍ଗୁରିପାଲି ସମ୍ପାଦକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏବଂ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଅଧ୍ୟକ୍ଷ ଙ୍କୁ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଅବଗତ କରାଇଥିଲେ।ସନ୍ଧ୍ୟାରେ ଶ୍ରୀ ତ୍ରିପାଠୀ ସୋନପୁର ଠାରେ ଥିବା ମିଶନ ଶକ୍ତି ଦ୍ୱାରା ପରିଚାଳିତ ସୁବର୍ଣ୍ଣା ଶ୍ରୀ ଫରେଷ୍ଟ ପାର୍କ ପରିଦର୍ଶନ କରିଥିଲେ। ପରେ ଜିଲ୍ଲାପାଳଙ୍କ ସଭାଗୃହ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମୀକ୍ଷା ବୈଠକରେ ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ତଥା ବିକାଶ ପରିଷଦର ଭାରପ୍ରାପ୍ତ ଅଧିକାରୀ, ସୁବର୍ଣ୍ଣପୁର, ପଶ୍ଚିମ ଓଡିଶା ବିକାଶ ପରିଷଦ ଯୋଜନାର ଅଗ୍ରଗତି ଓ ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଗୃହରେ ଉପସ୍ଥାପନା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ, ଜିଲ୍ଲା ହସ୍ତତନ୍ତ, କୃଷି, ଶିଳ୍ପ, ମତ୍ସ୍ୟ, ଉଦ୍ୟାନ, ଓରମାସ୍ ଅଧିକାରୀ ମାନଙ୍କ ସହିତ ଅଲୋଚନା କରି ଜିଲ୍ଲାର ଏକ କାର୍ଯ୍ୟ ଖସଡା ( ଜିଲ୍ଲାର ଏକସନ ପ୍ଲାନ) କରି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାସାଙ୍ଗଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ସମୟୋଚିତ ଭାବରେ ପରିଷଦ ଦ୍ୱାରା ଅନୁମୋଦିତ ପ୍ରକଳ୍ପ ଗୁଡିକୁ ସମାପ୍ତ କରି କାର୍ଯ୍ୟ ସମାପ୍ତ ସାର୍ଟିଫିକେଟ ଏବଂ ବିନିଯୋଗ ସାର୍ଟିଫିକେଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ୧୦ ବର୍ଷ ଜେଲ ଓ ଜରିମାନା

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅଂଚଳର ଜଣେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ କରିବା ଅଭିଯୋଗରେ ଅଭିଯୁକ୍ତ କୁ ୧୦ ବର୍ଷ ଜେଲ ଓ ୧୫ ହଜାର ଟଙ୍କା ଜରିମାନାରେ ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି ତ୍ରିବିକ୍ରମ ଚିନାରା ଦଣ୍ଡିତ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବଇପଦ ଗ୍ରମର ଜଣେ ନାବାଳିକା ତାର ବୁଢୀ ମା ସହିତ ଶୌଚ ହେବାପାଇଁ ଯାଇଥିବା ସମୟରେ ସେହି ଗ୍ରାମର କାଳନ୍ଦୀ ମଳିକଙ୍କ ପୁଅ ସୁକାନ୍ତ ମଳିକ ରାତି ୮ଟା ସମୟରେ ତାର ୪ଜଣ ସହଯୋଗୀଙ୍କ ସହିତ ନାବାଳିକାକୁ ଜବରଦସ୍ତ ଅପହରଣ କରି ଏକ ବୋଲେରୋ ଗାଡିରେ ପ୍ରଥମେ ଭଦ୍ରକ ଓ ପରେ ବାଙ୍ଗାଲୁରୁ ନେଇ ରଖିଥିଲା। ଏନେଇ ନାବାଳିକାର ବାପା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିବା ପରେ ଥାନା କେଶ ନଂ- ୧୩୪/୨୦୧୭ ରେ ମାମଲା ରୁଜୁ କରିବା ସହ ଅନୁସନ୍ଧାନ ଜାରି ରଖି ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତକୁ ବାଙ୍ଗାଲୁରୁ ରୁ ଠାବ କରି ଗିରଫ କରି ଆଣିଥିଲେ। ଓ ନାବାଳିକାକୁ ଉଦ୍ଧାର କରିଥିଲେ। ପୋକ୍ସୋ କୋର୍ଟ ଜିଆର କେଶ ନଂ-୧୨୯/୧୭ ରେ ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତିକରି କୋର୍ଟ ଆସାମୀ ସୁକାନ୍ତ କୁ ୧୦ ବର୍ଷ ଜେଲ ଓ ୧୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଆଉ ଏକ ବର୍ଷ ଅଧିକ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପି.ପି ମନୋଜ କୁମାର ସାହୁ ପରିଚାଳନା କରିଥିଲେ।

## ଫୁଲବାଣୀ ପ୍ରେସକ୍ଲବରେ ଦୁର୍ନୀତି ସଚେତନତା ସପ୍ତାହ ପାଳିତ

କନ୍ଧମାଳ, (ପି.ଏନ): ଅକ୍ଟୋବର ମାସ ୩୧ ତାରିଖ ରୁ ନଭେମ୍ବର ୬ ତାରିଖ ପର?ୟ୍ୟନ୍ତ ପାଳନ କରାଯାଉଥିବା ଦୁର୍ନୀତି ସଚେତନତା ସପ୍ତାହ ଅବସରରେ, ''ଦୁର୍ନୀତି ପ୍ରଗତିର ପ୍ରଧାନ ପ୍ରତିବନ୍ଧକ'' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରେସ କ୍ଲବ ସଭାପତି ସୂନୀଲ ପଟ୍ଟନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ, ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ଓ ମିଳିତ ନାଗରିକ କମିଟି ର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ଡିଏସପି ଅରୁଣ କୁମାର ନାୟକ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ବରିଷ୍ଠ ନାଗରିକ କମଳାକାନ୍ତ ପାଣ୍ଡେ,ଅବସରପ୍ରାପ୍ତ ପୋଲିସ କମାଣ୍ଡେଂଟ ନବୀନ କିଶୋର ପଣ୍ଡା,ବରିଷ୍ଠ ସାମ୍ବାଦିକ ଡ.ଅରୁପ କୁମାର ଜେନା,ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦିଗଲ ପ୍ରମୁଖ ଯୋଗ ଦେଇ ଦୁର୍ନୀତି ନିବାରଣ ପାଇଁ ପରିବାର ସ୍ତରରୁ ହିଁ ସଚେତନତା ର ଆବଶ୍ୟକତା ରହିଛି। ଏହା ସହିତ ଯୁବ ପିଢି ଏହି ଦିଗରେ ଅଧିକ ସଚେତନ ହେବା ଆବଶ୍ୟକ ବୋଲି ବକ୍ତା ମାନେ ମତ ପ୍ରକାଶ କରିଥିଲେ।ଲୋକଙ୍କ ମାନସିକତା ରେ ଜାଗ୍ରତକତା ଓ ପରିବର୍ତନ ହେଲେ ହିଁ ଦୁର୍ନୀତି ନିୟନ୍ତ୍ରିତ ହେବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ସରକାରୀ କାର?ୟ୍ୟାଳୟ ଗୁଡିକରେ ଚାଲିଥିବା ପିସି ଦେଣନେଣ ସମ୍ପର୍କରେ ଲୋଚନା ହୋଇଥିଲା। ଏହି ସପ୍ତାହର ପାଳନ ଅବସରରେ ନାମକୁ ମାତ୍ର କିଛି ସଂସ୍ଥାରେ ଓ କାର୍ଯ୍ୟକ୍ରମ ରେ ଶପଥପାଠ ନ କରାଯାଇ ଲୋକଙ୍କ ମାନସିକତା ରେ ପରିବର୍ତନ ଆଣିବା ଦିଗରେ ସମାଜରେ ଏବଂ ଛାତ୍ରୀଙ୍କୁ ଏହି ବାବଦରେ ସଚେତନ କରାଇବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ପ୍ରେସକ୍ଲବର ଉପସଭାପତି ସତ୍ୟନାରାୟଣ ବେହେରା,ସରକାରୀ ସ୍ତରରେ ନିଷ୍ପତି ହିଁ ଦୁର୍ନୀତି କୁ ନିମନ୍ତ୍ରଣ କରାଯାଇ ପାରିବ ବୋଲି କହିଥିଲେ। ଶେଷରେ ଦୁର୍ନୀତି ନିବାରଣ ବିଭାଗର ଡିଏସପି, କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୦୨ ମସିହାରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିନକୁ ଦୁର୍ନୀତି ସଚେତନତା ପାଳନ ଆରମ୍ଭ ହୋଇଥିଲା ଏବଂ ରାଜ୍ୟ ସରକାର ଦୁର୍ନୀତି ଅଭିଯୋଗ ହୋଇଥିବା ଅଧିକାରୀଙ୍କୁ ଚାକିରି ରୁ ବହିଷ୍କାର କରାଯାଉଛି ବୋଲି କହିବା ସହିତ ଦୁର୍ନୀତି ର ପରିଧିରେ ଆସୁଥିବା କିଛି ଦିଗ ଉପରେ ଆଲୋକପାତ କରିଥିଲେ। ଏହାସହିତ ଗଣମାଧମ କୁ ଏହି ଦିଗରେ ବିବେକାନୁମୋଦିତ ଭାବେ ସଚେତନ ଓ ଲୋକଲୋଚନକୁ ଆଣିବା ଦିଗରେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ଦିବସ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଜଳନ୍ଧର ବେହେରା ନିଜ ଚାକିରୀ ଜୀବନର ଅନୁଭୂତି କୁ ନେଇ ସେ ସ୍ୱେଚ୍ଛାକୃତ ଅବସର ଗ୍ରହଣ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଅଶୋକ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## କାଳୀପୂଜା ଭସାଣି ଉତ୍ସବ, ବାଜାରେ ଦୁଲୁକିଲା ଭୁବନ

ଭୁବନ, (ପି.ଏନ): ଗତ ୨୪ ତାରିଖ ସୋମବାର ରାତିରୁ କାଳୀବଜାର ଓ ସିନେମାହଲ ଛକ(ଅରାସାହି)ରେ ଶକ୍ତିସ୍ୱରୂପିଣୀ, ଅଭୟଦାୟିନୀ, ଦୁଷ୍ଟନିବାରିଣୀ ମା କାଳୀଙ୍କ ପୂଜାର୍ଚ୍ଚନା କରାଯାଇ ଆଜି ଅପରାହ୍ନରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଜା ବାଣରେ ସମଗ୍ର ଭୁବନ କମ୍ପିଥିଲା। କାଳୀବଜାର ବଣିକ ସଂଘ ଓ ସିନେମାହଲ ଛକ (ଅରାସାହି) କାଳୀମେଢ ଅପରାହ୍ନ ୪ ଘଟିକା ସମୟରେ ନିଜନିଜର ଆସ୍ଥାନ ରୁ ମ୍ୟୁଜିକ ଗ୍ରୁପ, ଭାଙ୍ଗଡା ଢୋଲ ବାଦ୍ୟ, ଲଉଡିବାଡି, ଲୋକକଳା, ସଂକୀର୍ତନ ସହିତ ଶୋଭାଯାତ୍ରାରେ ବାହାରି ନୂଆବଜାର, ଗଣେଶବଜାର, ଗୁଜୁରୀହାଟ, ଦୁର୍ଗାଛକ, ଲକ୍ଷ୍ମୀଛକ, ବଣିଆସାହି, ରାଉତସାହି, ବେହେରା ସାହି, ବାଜିଛକ, ବଡହାଟ ଦେଇ ସହର ପରିକ୍ରମା କରିଥିଲା।

## ପ୍ରେସ କ୍ଲବ ପକ୍ଷରୁ ମୃତ ଓ୍ୱେବ ସାମ୍ବାଦିକ ବିକାଶ ମିଶ୍ରଙ୍କ ଉଦେଶ୍ୟରେ ଶୋକ ସଭା

କନ୍ଧମାଳ ,(ପି.ଏନ): ମଙ୍ଗଳବାର ସନ୍ଧ୍ୟାରେ, ଏକ ସଡକ ଦୁର୍ଘଟଣା ରେ ମୃତ୍ୟୁ ବରଣ କରିଥିବା ଫୁଲବାଣୀ ର ଓ୍ୱେବଚାନେଲ, ଓ ପୃଷ୍ଠ ଭୂମି ଖବର କାଗଜର ଯୁବ ସାମ୍ବାଦିକ ବିକାଶ ମିଶ୍ରଙ୍କ ଅମର ଆତ୍ମାର ସଦଗତି ଉଦେଶ୍ୟରେ ଜିଲ୍ଲା ପ୍ରେସ କ୍ଲବ ଫୁଲବାଣୀ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା। ଏହି ଅବସର ରେ ସାମ୍ବାଦିକ ମାନେ ନିଜେ ସୁରକ୍ଷିତ ରହି କାର୍ଯ୍ୟ କରିବା ଲାଗି ପରାମର୍ଶ ଦେଇଥିଲେ। ସ୍ୱର୍ଗତ ବିକାଶ ଜଣେ ଯୁବ ଓ ଉଦୀୟମାନ ସାମ୍ବାଦିକ ଥିଲେ କନ୍ଧମାଳ ର ବିକାଶ ପାଇଁ ସେ ଉଦ୍ୟମ କରୁଥିଲେ ବୋଲି ସଭାପତି ପଟ୍ଟନାୟକ କହିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଅଶୋକ ପରିଡା, ଉପ ସଭାପତି ସୁନୀଲ ବିଶ୍ୱାଳ, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଅଶୋକ ମହାନ୍ତି, ଅଶୋକ ରାୟ,କେମେରମ୍ୟାନ ବିଶ୍ୱରଂଜନ ସାମନ୍ତରାୟ, ବୀରେନ୍ଦ୍ର ସୁବୁଦ୍ଧି, ସୂର୍ଯ୍ୟ ବେହେରା, ମୁସ୍କାନ୍ ସୁଆର ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବିକାଶ ଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକ ସନ୍ତପ୍ତ ପରିବାର ବର୍ଗ ଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ।ସ୍ୱର୍ଗତ ବିକାଶ ଙ୍କ ପରିବାର ବର୍ଗ ଙ୍କୁ ଯେପରି ଅଧିକ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଉଦ୍ୟମ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଏହି ଅବସରରେ, ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ଜେନା, ସୁଧୀର ମହାରଣା, ଶିବ ରାମ ନାୟକ, ସନ୍ତୋଷ ବେହେରା, ଅଜିତ ମହାରଣା, ପ୍ରଶାନ୍ତ ପଣ୍ଡା, ଅଚ୍ୟୁତ ବେହେରା, ଜୟ ସେନ ପରିଡା, ପ୍ରମୁଖ ଉପସ୍ଥିତ ଥିଲେ।ସୂଚନାଯୋଗ୍ୟ ଯେ, ସମ୍ବାଦ ସଂଗ୍ରହ କରିବାକୁ ମଙ୍ଗଳ ବାରବାଇକ ରେ ଖଜୁରୀପଡା ଯାଉଥିବା ବେଳେ ଖଜୁରୀପଡା ଥାନା ଅନ୍ତର୍ଗତ ସମ୍ଭେ ପଦର ନିକଟରେ ଏକ ଗାଡି ବାଇକ କୁ ପଛରୁ ପିଟିବା ଫଳରେ ଦୁର୍ଘଟଣା ଘଟିଥିଲା। ଘଟଣା ସ୍ଥଳ ରେ ବିକାଶ ମିଶ୍ର ଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ।

## ବଲାଙ୍ଗୀର ଦିନ୍ ଦିବସରେ ନଟରାଜ କଳା ପରିଷଦର ୱିଙ୍ଗ-୬ ର ପୋଷ୍ଟର ଉନ୍ମୋଚନ

ବଲାଙ୍ଗୀର, (ପି.ଏନ): ନଟରାଜ କଳା ପରିଷଦର ସଭାପତି ହରିନାରାୟଣ ପୂଜାରୀଙ୍କ ନିର୍ଦ୍ଦେଶ କ୍ରମେ ନଭେମ୍ବର ୧ ତାରିଖ ବଲାଙ୍ଗିର ଦିନ୍ ଦିବସରେ କୋସଲ କଳା ମଣ୍ଡଳର ପୁରୁଣା ମଂଚ ଠାରେ ୱିଙ୍ଗ-୬ ର ପୋଷ୍ଟର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଟରାଜ କଳା ପରିଷଦ ଆଗାମୀ ୧୮,୧୯ ଓ ୨୦ ତାରିଖରେ ତାର ରଜତ ଜୟନ୍ତି ଉତ୍ସବ ପାଳନ କରିବାକୁ ଯାଉଛି। ଏ ଅବସରରେ ଅଧ୍ୟାପକ ପ୍ରଶାନ୍ତ ଖମାରୀଙ୍କ ନିର୍ଦ୍ଦେଶନା ତଥା ମଧୁସୁଦନ ନାୟକଙ୍କ ସହ ନିର୍ଦ୍ଦେଶନାରେ ଆଶାପୁର ନୁ ଆମେରିକା, ଅ-ଆ-ଇ, ଘା, ଯଯାତି, ପୃଥ୍ୱୀରାଜ ଓ ନାବକେଳି ଏପରି ୫ଟି ନାଟକ ଓ ଗୋଟିଏ ନୃତ୍ୟ ନାଟିକା ପ୍ରଦର୍ଶିତ ହେବ।

## ନଭେମ୍ବର ୧୨ ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଚଳିତ ମାସ ନଭେମ୍ବର ୧୨ ତାରିଖ ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଯଦି କୌଣସି ବ୍ୟକ୍ତିଙ୍କର ପୁରୁଣା ଦେଓ୍ୱାନୀ ଓ ଫୌଜଦାରୀ ମାମଲା କୋର୍ଟରେ ବିଚାରଧୀନ ଥାଏ ତାହେଲେ ସେମାନେ ଏହାର ସୁଯୋଗ ନେଇ ପାରିବେ। ତତ୍ ସହିତ ମଟର ଦୁର୍ଘଟଣା, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ ଆଦି ମକଦ୍ଦମା ଥାଏ ତାହେଲେ ଏହି ଲୋକ ଅଦାଲତର ସହଯୋଗ ନେଇ ମାମଲାର ସମାଧାନ କରି ପାରିବେ ବୋଲି ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସୂଚନା ଦିଆଯାଇଛି।

## ବାସୁଦେବ ବେହେରାଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ସାଂସଦ

ଭୁବନ, (ପି.ଏନ): ଭୁବନ ସହର ସଂଗଠନ ସଭାପତି ତଥା କାପୁଡିଆ ସମାଜ ରାଜ୍ୟ ସଭାପତି ବାସୁଦେବ ବେହେରା ଓରଫ ବୁଲା ବେହେରାଙ୍କ ଏକାଦଶାହରେ ସାଂସଦ ମହେଶ ସାହୁ ଯେଗଦେଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କର ସ୍ମୃତିଚାରଣ କରି କହିଥିଲେ ଯେ, ସ୍ୱର୍ଗତ ବୁଲା ବାବୁ ଭୁବନବାସୀ ଙ୍କ ପାଇଁ ଯେଉଁ ତ୍ୟାଗ କରିଛନ୍ତି ଓ ତାଙ୍କ ସେବା ଯୋଗୁ ସବୁଦିନ ପାଇଁ ମନେରହିବେ। ଯାନିଯାତ୍ରା ,ମେଳା ମହୋତ୍ସବ ସମୟରେ ତାଙ୍କ ଅନୁପସ୍ଥିତି ନିଶ୍ଚିତ ମନେପଡିବ ବୋଲି ସାଂସଦ ମହେଶ ସାହୁ ସ୍ମୃତିଚାରଣ କରି କହିଥରଲେ। ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଙ୍କ ସମେତ ବହୁ ବିଜେଡି କର୍ମୀ, ବଣିକ ସଂଘ ସଦସ୍ୟ, ଦଶହରା ବଳଦ ଯାତ୍ରା କମିଟି ସଦସ୍ୟ, ଦୁର୍ଗା ପୂଜା କମଟି ସଦସ୍ୟ, ବିଭିନ୍ନ ଜାତି ସଭାପତି, ସଂପାଦକ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ସ୍ୱର୍ଗତ ବୁଲା ବେହେରା ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସ୍ମୃତିଚାରଣ କରିଥିଲେ। ଦଶାହ ସଂଧ୍ୟାରେ ସହର ସଂଗଠନ ତରଫରୁ ଏକ ମହମବତି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ଭୁବନ ବିଜେଡି ତରଫରୁ ଜନ ସଂପର୍କ ପଦଯାତ୍ରା ଉଦଯାପିତ

ଭୁବନ, (ପି.ଏନ): ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ତଥା ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ଯୋଜନାକୁ ଜନସଂପର୍କ ପଦଯାତ୍ରା ମାଧ୍ୟମରେ ପ୍ରତି ଘରେ ଘରେ ପହଂଚାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ପୂର୍ବରୁ ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ନେତୃତ୍ୱରେ ବିଭିନ୍ନ ୱାର୍ଡରେ ଜନ ସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଆଜି ପାଲା ମଣ୍ଡପ ଠାରୁ ଜନସଂପର୍କ ପଦଯାତ୍ରା ଆରମ୍ଭ ହୋଇ ସମସ୍ତ ୱାର୍ଡ ପରିକ୍ରମା କରିଥିଲା। ଉଦଯାପନୀ ଉତ୍ସବରେ ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓ ବିଭିନ୍ନ ସାହି ଛକ ମାନଙ୍କରେ ପଥପ୍ରାନ୍ତ ସଭା କରିଥିଲେ। ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ନବୀନ ପଟ୍ଟନାୟକ କରିଥିବା ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିବା ସହିତ ମିଶନ ଶକ୍ତିର ସଫଳତା ବର୍ଣ୍ଣନା କରିଥିଲେ ଓ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା ଏକ ଯୁଗାନ୍ତକାରୀ ଯୋଜନା। ଏଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟ ସେବାରେ ସାରା ଦେଶର ରୋଲ ମଡେଲ ସାଜିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଜନସଂପର୍କ ଯାତ୍ରାରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଙ୍କ ସମେତ ବିଜେଡି କାଉନସିଲର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ , ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ ଓ ଯୁବ, ଛାତ୍ର, ମହିଳା ବିଜେଡିର ଶତାଧିକ କାର୍ଯ୍ୟକର୍ତା ସାମିଲ ହୋଇଥିଲେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada


# ପବିତ୍ର ଅଁଳା ନବମୀରେ ଶ୍ରୀରାଧାଙ୍କ ପାଦଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ସାକ୍ଷିଗୋପାଳ, (ପି.ଏନ): ପବିତ୍ର କାର୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥି ଓ ପବିତ୍ର ଅଁଳା ନବମୀରେ ଆଜି ଶ୍ରୀରାଧାଙ୍କ ପାଦ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ। ଏହି ବିଶେଷ ତିଥିରେ ଶ୍ରୀକୃଷ୍ଣଙ୍କ ନଟବର ବେଶ ଓ ମା ରାଧାରାଣୀଙ୍କ ଓଡ଼ିଆଣୀ ବେଶ ଦର୍ଶନ ସାଙ୍ଗକୁ ପାଦଦର୍ଶନ ପାଇଁ ରାଜ୍ୟର ପ୍ରମୁଖ ବୈଷ୍ଣବ କ୍ଷେତ୍ର ସାକ୍ଷୀଗୋପୀନାଥଙ୍କ ପୀଠରେ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଦୀର୍ଘ ୨ ବର୍ଷର କରୋନା କଟକଣା ପରେ ଚଳିତ ବର୍ଷ ଭକ୍ତମାନେ ଏହି ଦୁର୍ଲ୍ଲଭ ବେଶ ଦର୍ଶନର ସୁଯୋଗ ପାଇଛନ୍ତି। ଭକ୍ତ ମାନେ ଘଂଟା ଘଂଟା ଧରି ଧାଡିରେ ପ୍ରତୀକ୍ଷା ପୂର୍ବକ ମା ରାଧାରାଣୀଙ୍କ ପାଦ ଦର୍ଶନ କରିଛନ୍ତି। ଭକ୍ତ ମାନେ ବ୍ୟାରିକେଡ୍ ଦେଇ ଯାଇ ସିଂହଦ୍ୱାରରେ ପ୍ରବେଶ ପୂର୍ବକ ଦର୍ଶନ ଓ ବେଢ଼ା ପରିକ୍ରମା କରି ଉତର ଦ୍ୱାରରେ ପ୍ରସ୍ଥାନ କରୁଛନ୍ତି। ସେହିପରି ଭିଆଇପି ପାସ୍ ଧାରୀ ମାନେ ଦକ୍ଷିଣ ଦ୍ୱାରରେ ପ୍ରବେଶ ପୂର୍ବକ ଦର୍ଶନ ଓ ବେଢ଼ା ପରିକ୍ରମା କରି ଉତର ଦ୍ୱାରରେ ପ୍ରସ୍ଥାନ କରୁଛନ୍ତି। କାର୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ଜଗଦ୍ଧାତ୍ରୀଙ୍କ ପୂଜା, ଶ୍ରୀ ରାଧାଙ୍କ ପାଦ ଦର୍ଶନ, ବେଢ଼ା ପରିକ୍ରମା ଓ ମନ୍ଦିର ବେଢ଼ାରେ ଥିବା ଅଁଳା ବୃକ୍ଷ ମୂଳେ ପୂଜାର୍ଚ୍ଚନା କଲେ ଅଶେଷ ପୂର୍ଣ୍ଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି।

ଏହି ଅବସରରେ ସାକ୍ଷୀଗୋପୀନାଥଙ୍କୁ ନଟବର ବେଶରେ ଓ ଶ୍ରୀ ରାଧାଙ୍କୁ ଓଡ଼ିଆଣୀ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶରେ ଶ୍ରୀକୃଷ୍ଣଙ୍କୁ ସୁବର୍ଣ୍ଣ ମୁକୁଟ, ସୁବର୍ଣ୍ଣ ବଂଶୀ, କୁଣ୍ଡଳ, ହୀରା ମୁଦି ଆଦି ଆଭୂଷଣ ଲାଗି ହୋଇଛି। ସେହିପରି ଶ୍ରୀ ରାଧାଙ୍କୁ ସୁବର୍ଣ୍ଣ କିରଟୀ, ପାଉଁଜି, ଗୁଣା, ଚନ୍ଦ୍ରହାର, ଶିକୁଳି, ଖଡୁ, ନୋଥ ଏବଂ ଅଁଳା ମାଳ, ପୋହଳା ମାଳ ଆଦି ଆଭୂଷଣ ଲାଗି ହୋଇଛି।ଏଠାରେ ଉଲ୍ଲେଖଯୋଗ୍ୟ, ମାଙ୍କ ପାଦପଦ୍ମ ବର୍ଷସାରା ଆବୃତ ରହିଥାଏ। ଆଜିର ଏହି ବିଶେଷ ତିଥିରେ ମାଙ୍କ ଓଡ଼ିଆଣୀ ବେଶ ଦର୍ଶନ ସାଙ୍ଗକୁ ଭକ୍ତଙ୍କୁ ପାଦ ଦର୍ଶନର ସୌଭାଗ୍ୟ ମିଳିଥାଏ।ଆଜିର ଏହି ବିଶେଷ ନୀତିକାନ୍ତି ପାଇଁ ରାତି ୧ଟାରେ ମନ୍ଦିର ଦ୍ୱାରଫିଟା, ୧ଟା ୩୦ରେ ମଙ୍ଗଳଆଳତୀ, ରାତି ୧ଟା ୩୦ ରୁ ୩ଟା ମଧ୍ୟରେ ବେଶ, ମଇଲମ, ମର୍ଦ୍ଦନ, ଅବକାଶ ଏବଂ ନଟବର ବେଶ ସମ୍ପନ୍ନ ହୋଇଥିଲା। ରାତି ୩ଟାରୁ ଭୋର୍ ସାଢ଼େ ୪ଟା ମଧ୍ୟରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ବାଳଧୂପ ନୀତି ସମ୍ପନ୍ନ ହୋଇଥିଲା। ଭୋର୍ ସାଢ଼େ ୫ଟା ଠାରୁ ସକାଳ ୬ଟା ପର୍ଯ୍ୟନ୍ତ ମନ୍ଦିର କର୍ମଚାରୀ ଓ ସେବାୟତ ପରିବାର ଦର୍ଶନ କରିଥିଲେ। ସକାଳ ୬ଟା ଠାରୁ ରାତି ପ୍ରାୟ ସାଢ଼େ ୧୧ଟା ପର୍ଯ୍ୟନ୍ତ ସାହାଣମେଳା ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା। ରାତି ସାଢ଼େ ୧୧ଟା ପରେ ପରବର୍ତି ଦେବନୀତି ଆରମ୍ଭ ହୋଇଥିଲା ଏବଂ ପହୁଡ଼ ପଡିଥିବା ଶ୍ରୀ ଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ସୂତ୍ରରୁ ପ୍ରକାଶ।ଏହା ବ୍ୟତୀତ ପଂଚସଖା ପଡିଆରେ ବିଭିନ୍ନ ପ୍ରକାର ଫୁଡ୍, ଅନ୍ୟାନ୍ୟ ଷ୍ଟଲରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ଭଳିକି ଭଳି ଦୋଳି ନିକଟରେ ପିଲାଙ୍କ ଭିଡ଼ ଲାଗିଛି। ପଚଂସଖା ମୁକ୍ତାକାଶ ରଙ୍ଗମଂଚରେ ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଶ୍ରୀରାଧା ଉତ୍ସବ - ୨୦୨୨ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଛନ୍ତି। ହାଲକା ହାଲକା ଶୀତ ସାଙ୍ଗକୁ ସଙ୍ଗୀତର ମୂର୍ଚ୍ଛନା ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ମନ୍ଦିର ଭିତରେ ଓ ବାହାରେ ୨୦ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ୫୦ ଜଣ ଅଫିସର ଏହାର ତଦାରଖ କରୁଛନ୍ତି। ମନ୍ଦିର ଚୁର୍ତୁପାର୍ଶ୍ୱ, ରେଳ ଫାଟକ, ବଜାର, ବସଷ୍ଟାଣ୍ଡ, କଲେଜ ଛକ ଆଦି ସ୍ଥାନରେ ପୋଲିସ ମୁତୟନ ହୋଇଛନ୍ତି। ବିଭିନ୍ନ ସ୍କୁଲ କଲେଜ, ଏନସିସି, ସ୍କାଉଟ୍ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କୁ ଜଳସେବା ଯୋଗାଇ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଫାଷ୍ଟ ଏଡ୍ ବ୍ୟବସ୍ଥା କରାଯାଇଛି। ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତା ଉପରେ ପଦକ୍ଷେପ ଗ୍ରହଣ କରାଯାଇଛି।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
**ପର୍ଯ୍ୟବେକ୍ଷକ**
PARYABEKHYAK पर्यवेक्षक



Bhubaneswar Thursday November 03, 2022 ଭୁବନେଶ୍ୱର ଗୁରୁବାର, ନଭେମ୍ବର ୦୩,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଓସ୍ତପୁରା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ ଅନ୍ତର୍ଗତ ଓସ୍ତପୁରା ଗ୍ରାମର ବାବା ଆଖଣ୍ଡଳମଣି କ୍ଲବ ଆନୁକୂଲ୍ୟରେ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍‌ରେ ଆନନ୍ଦପୁରର ମା'ବିରଜା ଫୁଟବଲ କ୍ଲବ ଟାଇବ୍ରେକରରେ ୪-୩ ଗୋଲରେ ଫୁଲବାହାଳି ଦଳକୁ ପରାସ୍ତ କରି ଚାମ୍ପିୟାନ୍ ହୋଇଛି । ଉକ୍ତ ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଘଷିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିବା ବେଳେ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଶ୍ୱରଂଜନ ବେହେରା, କ୍ରୀଡାବିତ୍ ବୁଲୁ ପଟ୍ଟନାୟକ, ପୂର୍ବତନ ସରପଂଚ ପ୍ରସନ୍ନ ପାତ୍ର, ପରେଶ କୁଅଁର, ସରପଂଚ ଦିଲ୍ଲୀପ କୁମାର ମାଝୀ, ଅନ୍ୟତମ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ଦେବାଶିଷ ପାତ୍ର, ମୁଖ୍ୟ ବକ୍ତା ଭାବେ କଟକ ମହାନିଗମର ଡେପୁଟି ମେୟର ଦମୟନ୍ତୀ ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନେ ରନର୍ସଅପ୍ ଏବଂ ଚମ୍ପିୟାନ ଦଳକୁ ପୁରସ୍କୃତ କରିଥିଲେ ।

## ମିଡ଼ିଆ ଫୋରମ ପକ୍ଷରୁ ମୃତ ସାମ୍ବାଦିକ ଙ୍କ ପରିବାରକୁ ସହାୟତା ପାଇଁ ଜିଲ୍ଲାପାଳ ଙ୍କୁ ଅନୁରୋଧ

ଫୁଲବାଣୀ,(ପି.ଏନ): ଗତ ମଙ୍ଗଳବାର ଦିନ ସନ୍ଧ୍ୟା ରେ ଏକ ସାଙ୍ଘାତିକ ଦୁର୍ଘଟଣାରେ ଶିକାର ହୋଇଥିବା ଫୁଲବାଣୀର ମୃତ ସାମ୍ବାଦିକ ଓ୍ୱେବ ଚ୍ୟାନେଲ ଓ ପୃଷ୍ଠ ଭୂମି ଖବର କାଗଜର ଯୁବ ସାମ୍ବାଦିକ ବିକାଶ ମିଶ୍ରଙ୍କ ମୃତ୍ୟୁ ଘଟିଥିବାରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ମଞ୍ଜୁର ନିମନ୍ତେ କନ୍ଧମାଳ ଜିଲ୍ଲା ମିଡିଆ ଫୋରମ ପକ୍ଷରୁ ଏକ ସ୍ମାରକ ପତ୍ର କନ୍ଧମାଳ ଜିଲ୍ଲାପାଳଙ୍କୁ ଏ ଡି ଏମ ବସନ୍ତ ସାହୁଙ୍କ ଜରିଆରେ ପ୍ରଦାନ କରାଯାଇଛି କ୍ଷ ପ୍ରକାଶ ଥାଉ କି ମଙ୍ଗଳବାର ସନ୍ଧ୍ୟାରେ ଦୁଇ ଜଣ ସାମ୍ବାଦିକ ବିକାଶ ମିଶ୍ର ଓ ବିକାଶ ଦିଗାଲ ଖବର ସଂଗ୍ରହ କରିବାକୁ ବାଇକରେ ଖଜୁରୀପଡା ଯାଉଥିବା ବେଳେ ଖଜୁରୀପଡା ଥାନା ଅନ୍ତର୍ଗତ ସମ୍ପେପଦର ନିକଟରେ ଏକ ଗାଡି ବାଇକକୁ ପଛରୁ ପିଟିବା ଫଳରେ ଦୂର୍ଘଟଣାଟି ଘଟିଥିଲା । ଘଟଣା ସ୍ଥଳରେ ବିକାଶ ମିଶ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ । ଖବର ପାଇ ଖଜୁରୀପଡା ପୋଲିସଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଂଚି ଏମାନଙ୍କୁ ଉଦ୍ଧାର କରିପ୍ରଥମେ ଖଜୁରୀପଡା ଡାକ୍ତର ଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ।



ବିକାଶଙ୍କୁ ଗୁରୁତର ଅବସ୍ଥା ରେ ଫୁଲବାଣୀ ସଦର ମହକୁମା ଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇ ଥିଲା । ପୁଅ ବିକାଶର ଅକାଳ ବିୟୋଗ ପରେ ପରିବାର କୁ ଆର୍ଥିକ ଆବଶ୍ୟକତା ରହିଛି ତେଣୁ କେ ଡି ଏମ ଏଫ ପକ୍ଷରୁ ଏକ ସ୍ମାରକ ପତ୍ର ଜରିଆରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ତରଫରୁ କିଛି ଆର୍ଥିକ ସହାୟତା ନିମନ୍ତେ ଅନୁରୋଧ କରାଯାଇଛି କ୍ଷ ଏହି କାର୍ଯ୍ୟକ୍ରମରେ କେ ଡି ଏମ ଏଫର ସଭାପତି ସୁନୀଲ ବିଶ୍ୱାଳଙ୍କ ନିର୍ଦ୍ଦେଶ ରେ ଉପସଭାପତି ଆଦିତ୍ୟ ପ୍ରସାଦ ତ୍ରିପାଠୀ, ସମ୍ପାଦକ ସୂର୍ଯ୍ୟ ନାରାୟଣ ବେହେରା, ସହ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା

## ଅବକାରୀ ଚଢାଉ, ୨ ଗିରଫ

ଆନନ୍ଦପୁର,(ପି.ଏନ):କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ନାରାୟଣ ମେହେରଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁଝର ଭ୍ରାମ୍ୟମାଣ ଅବକାରୀ ନୀରିକ୍ଷକ ଚନ୍ଦନ କୁମାର ମହାନ୍ତ, ଆନନ୍ଦପୁର ଅବକ୍ରୀ ନୀରିକ୍ଷକ ପ୍ରଫୁଲ କୁମାର ମହାନ୍ତ, ଆନନ୍ଦପୁର ଅବକାରୀ ଥାନାଧିକାରୀ କୃଷ୍ଣଚନ୍ଦ୍ର ପରିଡା, ମୋବାଇଲ୍ ସ୍କ୍ୱାର୍ଡ ଏସ୍.ଆଇ. ଦିଲ୍ଲୀପ କୁମାର କାଣ୍ଡି ପ୍ରମୁଖ ନନ୍ଦିପଦା, ସୋସୋ, ଆନନ୍ଦପୁର ଥାନାର ବିଭିନ୍ନ ସ୍ଥାନରେ ଚଢାଉ କରି କରଞ୍ଜବାଟି ଗ୍ରାମର ଲୋଚନ ବିନ୍ଧାଣୀଙ୍କ ଠାରୁ ୧୫ଲିଟର, ହରିହର ଜେନାଙ୍କ ଠାରୁ ୧୫ ଲିଟର ଏବଂ ଫକୀରପୁର ଗ୍ରାମର ଭଗବାନ ନାଥଙ୍କ ଠାରୁ ୧୦ଲିଟର ମହୁଲି ମଦ ଜବତ କରି ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢାଉରେ କନେଷ୍ଟବଳ ସୁଶାନ୍ତ କୁମାର ରାଉତ, ସନ୍ଦୀପ ସେଠୀ, ମନୁଗିରି ମାଝୀ, ଲକ୍ଷ୍ମଣ କୁମାର ମହାନ୍ତ, ନିବେଦିତା ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

## କେଶଦୁରାପାଳ ପଞ୍ଚାୟତରେ ଶିକ୍ଷା ପ୍ରଦର୍ଶନୀ ମେଳା

ଘଷିପୁରା,(ପି.ଏନ): ଘଷିପୁରା ବ୍ଲକ କେଶଦୁରାପାଳ ପଂଚାୟତ କାର୍ଯ୍ୟାଳୟରେ ଆସ୍‌ପାୟାର ପକ୍ଷରୁ ଶିକ୍ଷା ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଳାରେ ଅତିଥି ଭାବେ ସ୍ଥାନୀୟ ସରପଂଚ ମାନସୀ ମହାରଣା, ପୂର୍ବତନ ସରପଂଚ ପର୍ଶୁରାମ ମହାରଣା ଯୋଗ ଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମେଳା ବୁଲିବା ସହ ମେଳା ସମ୍ପର୍କରେ ପଚାରି ବୁଝିଥିଲେ ।

## ଶ୍ରୀଅରବିନ୍ଦଙ୍କ ୧୫୦ତମ ସ୍ମରଣୋତ୍ସବ




ଢେଙ୍କିକୋଟ,(ପି.ଏନ):ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଚେତନା ଜାଗରଣ ଯାତ୍ରା ଅବକାଶରେ କେନ୍ଦୁଝର ଜିଲ୍ଲା ଶ୍ରୀଅରବିନ୍ଦ ପାଠଚକ୍ର ସଂଗଠନ ଓ ଘଟଗାଁ ବ୍ଲକ ସଂଗଠନର ମିଳିତ ପ୍ରୟାସରେ ଢେଙ୍କିକୋଟ ଦେବୀ ମଣ୍ଡପ ଠାରେ ଏକ ଆଧ୍ୟାତ୍ମିକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିମାନଓ ଚେତନାର ଶ୍ରୀଅରବିନ୍ଦଙ୍କୁ ସ୍ମରଣ, ସ୍ମରଣୋତ୍ସବ କାର୍ଯ୍ୟକ୍ରମର ବିଦ୍ୟ ଆଲୋଚନାରେ ବହୁ ଭାଗବର୍ତ୍ତକ ତଥା ମହର୍ଷି ଶ୍ରୀଅରବିନ୍ଦଙ୍କ ମାଧୁର୍ଯ୍ୟ ପୂର୍ଣ୍ଣ ତତ୍ତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ପରମଙ୍କୁ ଅନ୍ତରରେ ଅନୁଭବ କରିବା, ତାଙ୍କ ପ୍ରତି ସମର୍ପିତ ଓ ଆନ୍ତରିକ ରହି ନିଜ ଚେତନାର ଅଭିବୃଦ୍ଧି ଘଟାଇବା ସହ ଅତିମାନସ ସତ୍ୟକୁ ନିଜ ଭିତରେ ଓ ସମଗ୍ର ବିଶ୍ୱରେ କ୍ରିୟାଶୀଳ କରାଇବାରେ ଦିବ୍ୟଜନନୀ ଶ୍ରୀମା ଓ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଯନ୍ତ୍ର ହୋଇ ନିଜ ଜୀବନକୁ ସମର୍ପିତ କରିବା ଲାଗି ଉପସ୍ଥିତ ମାତୃପ୍ରେମୀ ଶ୍ରଦ୍ଧାଳୁଙ୍କୁ କୁହାଯାଇଥିଲା । କାର୍ଯ୍ୟକ୍ରମ ଶୁଭାରମ୍ଭରେ ଶ୍ରୀମା ଅରବିନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସାଇଲେନ୍ସ ମ୍ୟୁଜିକ୍ ସହ ଅନୁଷ୍ଠାନର ଉମା ଅପାଙ୍କ ମାତୃ ବନ୍ଦନା ଗାନ ପରେ କବି ମାତୃଭକ୍ତ ଗତିକୃଷ୍ଣ ଦଳାଇ ସ୍ୱାଗତ ଅଭିଭାଷଣ ରଖି ଶ୍ରୀଅରବିନ୍ଦ ଚେତନା ଜାଗରଣ ଯାତ୍ରାର ଜିଲ୍ଲା ଆବାହକ ଶ୍ରୀକାନ୍ତ ସାହୁ ସମଗ୍ର କେନ୍ଦୁଝର ଜିଲ୍ଲାରେ ଅନୁଷ୍ଠିତ ହୋଇ ଚାଲିଥିବା ଏହି ଜାଗରଣ ଯାତ୍ରାର ପୂର୍ଣ୍ଣାଙ୍ଗ ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ଦେଇଥିଲେ । ଆଲୋଚକ ମାତୃଭକ୍ତ ତଥା ସୁଦୂର ପୁରୀ ଜିଲ୍ଲା ପାଠଚକ୍ର ସଂଗଠକ ଓ ଆବାହକ ସୁଶାନ୍ତ କୁମାର ଜେନା ଚେତନା ଓ ଅତିମାନଓ ଚେତନାର ଏକ ସମ୍ମିଳିତ ମାଧୁର୍ଯ୍ୟପୂର୍ଣ୍ଣ ଆଲୋଚନା ରଖି ଆନ୍ତରିକତା ହିଁ ଭଗବତ୍ ଦ୍ୱାରର ଚାବି, ଏହି ଉକ୍ତିକୁ ଉଦ୍ଧାର କରି ରାଜା ଓ ରୋଷେୟାର ବିଦ୍ୟ ଏକ ଗଳ୍ପକୁ ନେଇ ଭଗବାନ ପରମଙ୍କ ପ୍ରତି ମନୁଷ୍ୟ ଜୀବନର ଜିଜ୍ଞାସା ଓ ନିମ୍ନ ଚେତନାରୁ ଉନ୍ନୀତ ହେବାକୁ ବାଟ ବତାଇ ଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟତମ ଆଲୋଚକ ଅଜୟ କୁମାର ପଲେଇ ସବୁ ହୃଦୟକୁ ଯେ ସଂଯୋଜିତ କରେ ଏକ ମାଧୁର୍ଯ୍ୟର ଅବିରତ ସ୍ପର୍ଶ..., ଶୀର୍ଷକ ଆଲୋଚନାରେ ଶ୍ରୀ ଅରବିନ୍ଦଙ୍କ ଅତିମାନସର ଭାବପୂର୍ଣ୍ଣ କଥା ଆଲୋଚନା କରିଥିଲେ । ଏହି ଅନନ୍ୟ କାର୍ଯ୍ୟକ୍ରମକୁ ଘଟଗାଁ ବ୍ଲକ ପାଠଚକ୍ର ସଂଯୋଜକ ଗୋଲକ ଚନ୍ଦ୍ର ବେହେରା ସଂଯୋଜନା କରିଥିବା ବେଳେ ପପୁ, ଶ୍ରୀଧର, ରାଜନ ଭାଇଙ୍କ ସହ ଦେବୀ ମଣ୍ଡପର ଲଳାଲଟେନ୍ଦୁ ସାହୁ, ଶଶିକାନ୍ତ ଦଳାଇ, ଶ୍ରୀକାନ୍ତ ସାହୁ, ଉତ୍ତମ କୁମାର ନାୟକ, ରାଜେନ୍ଦ୍ର ସାହୁ ଓ ଅନ୍ୟମାନେ ପରିଚାଳନା କରିଥିଲେ । ଏହି ଅବସରରେ ଶ୍ରଦ୍ଧାଳୁଙ୍କୁ ମାତୃ ପ୍ରସାଦ ବିତରଣ କରାଯାଇଥିଲା ।

## ଦୁର୍ନୀତି ମୁକ୍ତ ଭାରତ ପାଇଁ ଆଇସିଜି ଓ ଏନସିସି କ୍ୟାଡେଟଙ୍କ ସଚେତନତା ରାଲି

ପାରାଦୀପ,(ପି.ଏନ): ଭିଜିଲାନ୍ସ ସପ୍ତାହ ପାଳନ ଅବସରରେ ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି) ଜିଲ୍ଲା ମୁଖ୍ୟାଳୟ-୭ ଓ ପାରାଦୀପ ମହାବିଦ୍ୟାଳୟର ଏନସିସି ନାଭାଲ ଉଇଙ୍ଗ କ୍ୟାଡେଟ ମାନେ ମିଳିତ ଭାବେ ବୁଧବାର ଦିନ ସକାଳେ ଦୁର୍ନୀତି ମୁକ୍ତ ଭାରତ ନିର୍ମାଣ ପାଇଁ ଏକ ସଚେତନତା ରାଲିର ଆୟୋଜନ କରିଥିଲେ । ଆଇସିଜିର କାର୍ଯ୍ୟନର୍ବାହୀ ଅଧିକାରୀ କମାଣ୍ଡାଟଂ ସନ୍ତୋଷ ପି.



ନାୟର ଏହି ରାଲିକୁ ପତାକା ଦେଖାଇ ଉଦଘାଟନ କରିଥିଲେ । କୋଷ୍ଟଗାର୍ଡ କାର୍ଯ୍ୟାଳୟରୁ ଏହି ରାଲି ଆରମ୍ଭ ହୋଇ ସ୍ଲୋଗାନ, ବ୍ୟାନର ଏବଂ ପ୍ଲାକାର୍ଡ ସହିତ ବନ୍ଦର ସହରର ବିଭିନ୍ନ ମୁଖ୍ୟ ରାସ୍ତାରେ ପରିକ୍ରମା କରିଥିଲେ । ଗନ୍ତବ୍ୟ ସ୍ଥଳକୁ ଫେରିବା ପରେ ଆଇସିଜିର ଅଧିକାରୀ ଏବଂ ଏନସିସି କ୍ୟାଡେଟ ମାନେ ଦୁର୍ନୀତିର ଏହି ମନ୍ଦ ଅଭ୍ୟାସର ପରିଣାମ ବିଷୟରେ ଆଲୋଚନା କରିଥିଲେ ଯାହା କୌଣସି ସଭ୍ୟ ସମାଜ ପାଇଁ ଶୁଭଙ୍କର ନୁହେଁ । ଜନସାଧାରଣ ତଥା ବୃତିଗତ ଜୀବନରେ ପ୍ରବୃତି ଏକ ଜରୁରୀ ଗୁଣ । ଏହି ରାଲିରେ ଆଇସିଜିର ଅଧିକାରୀ, ପାରାଦୀପ କଲେଜ ଏନସିସି ଅଧିକାରୀ ଲେଫ୍ଟନାଟଂ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଜୀସାର୍ଥକର ନୂଆ ଓଡ଼ିଆ ଚଳଚିତ୍ର ପାରି କରିବେ ଭୋଳା ଶଙ୍କରର ଅଡ଼ିଓ ରିଲିଜ୍

ଖୋର୍ଦ୍ଧା,(ପି.ଏନ): ଓଡ଼ିଆ ଦର୍ଶକଙ୍କୁ ପୁଣି ଗୋଟିଏ ସିନେମା ଭେଟି ଦେଉଛି ଜୀ ସାର୍ଥକ। ନଭେମ୍ବରରେ ମୁକ୍ତିଲାଭ କରିବାକୁ ଯାଉଛି ନୂଆ ସିନେମା ପାରି କରିବେ ଭୋଳା ଶଙ୍କର ଏକ ତାରକା ହୋଟେଲରେ ଏହାର ଅଡ଼ିଓ ରିଲିଜ୍ ହୋଇଛି। ସିନେମାରେ ତିନୋଟି ଗୀତ ରହିଥିବା ବେଳେ ଗୀତ ରଚନା କରିଛନ୍ତି ଡ଼କ୍ଟର ନିର୍ମଳ ନାୟକ। ପ୍ରଶାନ୍ତ ପାଢୀଙ୍କ ବଳିଷ୍ଠ ସଙ୍ଗୀତ ନିର୍ଦ୍ଦେଶନାରେ ବିଷ୍ଣୁ ମୋହନ କବି ଅନ୍ତରା ଚକ୍ରବର୍ତ୍ତୀ, ସତ୍ୟଜିତ ସୋହିନି ମିଶ୍ର, ତାରିକ ଅଜିଜ ଓ ସ୍ୱସ୍ତିକ ପ୍ରମୁଖ କଣ୍ଠଦାନ କରିଛନ୍ତି। ସମ୍ପୂର୍ଣ୍ଣ ପାରିବାରିକ ଚଳଚିତ୍ର ହେଉଛି ପାରି କରିବେ ଭୋଳା ଶଙ୍କର। ଗାଁର କାହାଣୀକୁ ନେଇ ଆଗେଇଛି ସିନେମା। ନାୟକ ଶଙ୍କର ଉପରେ ରହିଛି ମହାଦେବଙ୍କ ଆର୍ଶୀବାଦ। ପ୍ରତ୍ୟେକ ସୋମବାରରେ ନାୟକ ଶଙ୍କର ଅଦ୍ଭୁତ ଐଶ୍ୱରୀୟ ଶକ୍ତି ପ୍ରାପ୍ତ ହୁଏ। ଯାହା ସାଧାରଣ ମଣିଷ ଭାବି ପାରେନି ତାହା ସିଏ କରେ। ତେଣୁ ଗାଁର ଛୋଟ ଠୁ ବଡ଼ ସମସ୍ତଙ୍କର ଶଙ୍କର ଅତି ଆପଣାର।

## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

କେନ୍ଦ୍ରାପଡ଼ା,(ପି.ଏନ): ପ୍ରଶାସନକୁ ସ୍ୱଚ୍ଛ, ନିର୍ମଳ ଓ ଉତ୍ତରଦାୟୀ କରିବା ଉପଲକ୍ଷେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଓଡିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୩୧ରୁ ଆରମ୍ଭ ହୋଇ ନଭେମ୍ବର ୬ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ସଭାରେ ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡା ଦୁର୍ନୀତି ନିବାରଣ ବିଭାଗ ଡିଏସପି ଭାଗ୍ୟଲକ୍ଷ୍ମୀ ପୁହାଣ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ମୁଖ୍ୟବକ୍ତା ଭାବରେ ପ୍ରାଧାପକ ନନ୍ଦ କିଶୋର ପରିଡା ଯୋଗଦେଇଥିଲେ। ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠୁ ବଡ ପ୍ରତିବନ୍ଧକ ବୋଲି ଶ୍ରୀ ସାମଲ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମସ୍ତ କର୍ମଚାରୀ ଓ ଅଧିକାରୀଗଣ ସେମାନଙ୍କ କର୍ତ୍ତବ୍ୟ ଓ କାର୍ଯ୍ୟଧାରାରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବା ସହ ଆତ୍ମ ସମୀକ୍ଷା କରିବା ନେଇ ଶ୍ରୀ ସାମଲ ପରାମର୍ଶ ଦେଇଥିଲେ। ସରକାରୀ ଅନୁଷ୍ଠାନର ଅଭିବୃଦ୍ଧି ଓ ସୁଖ୍ୟାତି ନିମନ୍ତେ ସର୍ବଦା ସତର୍କତା ଅବଲମ୍ବନ କରିବେ ଏବଂ ଲୋକମାନଙ୍କୁ ମୂଲ୍ୟବୋଧ ଭିତ୍ତିକ ସେବା ଯୋଗାଇଦେବେ। ବିବେକାନୁମୋଦିତ ଭାବେ କର୍ତ୍ତବ୍ୟ ସମ୍ପାଦନ କରିବା ସହ ବିନା ଭୟ ଓ ବିନା ଅନୁଗ୍ରହ ପ୍ରଦର୍ଶନ ପୂର୍ବକ କାର୍ଯ୍ୟ କରିବା ପାଇଁ ଶ୍ରୀ ସାମଲ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଦୁର୍ନୀତି ପାଇଁ ରାଜ୍ୟ ସରକାର ୧୬୮ଜଣ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଶ୍ରୀ ସାମଲ ପ୍ରକାଶ କରିଥିଲେ। ଦୁର୍ନୀତି ନିବାରଣ ବିଭାଗ ଡିଏସପି ଶ୍ରୀମତୀ ପୁହାଣ ଦୁର୍ନୀତି ନିବାରଣ ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦୁର୍ନୀତି ସବୁ କ୍ଷେତ୍ରକୁ ପରିବ୍ୟାପ୍ତ ହୋଇଥିବା ନେଇ ଗଭୀର ଉଦବେଗ ପ୍ରକାଶ କରିବା ସହ ଏହାକୁ ରୋକିବା ଦିଗରେ ସମାଜର ପ୍ରତ୍ୟେକ ବର୍ଗର ଲୋକ ସଚେତନ ହୋଇ ଏହାକୁ ବିରୋଧ କରିବା ପାଇଁ ମୁଖ୍ୟବକ୍ତା ପ୍ରାଧ୍ୟାପକ ଶ୍ରୀ ପରିଡା ପରାମର୍ଶ ଦେଇଥିଲେ। ବୈଠକରେ ଉପସ୍ଥିତ ପ୍ରଦୀପ ଦାସ, ଆଶିଷ ସେନାପତି, ପିତାମ୍ବର ଦାସ, ପରୀକ୍ଷିତ ପାତ୍ର, ହେମନ୍ତ ଜେନା, ଭବାନୀ ପ୍ରସାଦ ଓଝା, କୃତି ପ୍ରତିଯୋଗୀ ମନସ୍ୱୀ ଦାସ, ଅନୁସୟା ତରାଇ, ଉପାସନା ନାୟକ ପ୍ରମୁଖ ଦୁର୍ନୀତି ନିବାରଣ ସପ୍ତାହ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡିଏସପି ଶ୍ରୀମତୀ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ବକ୍ତୃତା ଓ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା ୧୮ଜଣ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଓଡ଼ିଶାରେ ପ୍ରଥମ ଉର୍ଦ୍ଦୁ ଭାଷା ଉପରେ ପୁସ୍ତକ ମେଳା





ଭୁବନେଶ୍ୱର, (ପି.ଏନ): NCPUL (National Council for Promotion of Urdu Language) govt of India Ministry of Education ଦ୍ୱାରା ପ୍ରଥମ ଥର ପାଇଁ ଓଡ଼ିଶାରେ ପୁସ୍ତକ ମେଳାରେ ଉର୍ଦ୍ଦୁ ଭାଷାର ବିକାଶ ନିମନ୍ତେ ଭାଗ ନେଇଥିଲେ। ଏଥିରେ ଉର୍ଦ୍ଦୁ ଭାଷା ଶିଖାଇବା ପାଇଁ ଏବଂ ଉର୍ଦ୍ଦୁ ଭାଷାର ବିକାଶ ପାଇଁ ବିଭିନ୍ନ ପ୍ରକାର ପୁସ୍ତକର ପ୍ରଦର୍ଶନୀ କରାଯାଇଥିଲା। ଏହି କ୍ଷୁଦ୍ର ଉର୍ଦ୍ଦୁ ଦୋକାନରେ ବହୁତ ଓଡ଼ିଶାର ଉର୍ଦ୍ଦୁ ପ୍ରେମୀ ଯୋଗ ଦେଇଥିଲେ ଏବଂ ସମାଜସେବୀ ସେକ୍ ଅଜିଦୁଲ ବାରି ଭାଗ ନେଇ ନିଜ ଭାଷଣରେ NCPUL ଏହି କାରନାମାକୁ ସ୍ୱାଗତ କରିଥିଲେ । ଏମିତି ଘୁମ୍ ଗିଲାନି ଏବଂ ତପନଦାର କୁମାର ମଧ ଯୋଗଦାନ କରି ଉର୍ଦ୍ଦୁ ଭାଷା କିପରି ବିକାଶ ଲାଭ କରିବ ସେ ଭାଷଣ ପ୍ରସଙ୍ଗରେ କହିଥିଲେ। ଓଡ଼ିଶାରେ ପ୍ରଥମ ଥର ପାଇଁ ପୁସ୍ତକ ମେଳାରେ ଦେଖିବାକୁ ମିଳିଥିବାରୁ ସେ NCPULର ନିର୍ଦ୍ଦେଶକ ଏସ.କେ. ଅଖିଲ ଅହମ୍ମଦଙ୍କୁ ଧନ୍ୟବାଦ ଦେଇଥିଲେ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray